

ତୃତୀୟ ବର୍ଷ ● ପ୍ରଥମ ସଂଖ୍ୟା
ନଭେମ୍ବର-ଡିସେମ୍ବର, ୨୦୧୭

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)











ବେଦ ପ୍ରଚାର ସମିତି, ବରଗଡ଼ ପକ୍ଷରୁ ସ୍ଥାନୀୟ ସ୍ୱୟଂସିଦ୍ଧା ଭବନଠାରେ
ଡିସେମ୍ବର ୭ ରୁ ୧୦ ପର୍ଯ୍ୟନ୍ତ ବେଦ ପ୍ରବଚନ ଅନୁଷ୍ଠିତ







ବରଗଡ଼ ବେଦ ପ୍ରଚାର ସମିତିର ମହିଳା ଓ ପୁରୁଷ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ସ୍ୱାମୀଜୀ





ସୁବର୍ଣ୍ଣପୁର ବେଦ ପ୍ରଚାର ସମିତି ପକ୍ଷରୁ ସ୍ଥାନୀୟ ଶିଶୁମନ୍ଦିରଠାରେ ଜୀବନ ନିର୍ମାଣ ଶିବିର




ଶିବିରରେ ସ୍ୱାମୀ ସୁଧାନନ୍ଦଙ୍କ ପ୍ରବଚନ



ଶିବିରାର୍ଥୀଙ୍କ ଦ୍ୱାରା ଅଗ୍ନିହୋତ୍ର





ଶିବିରାର୍ଥୀଙ୍କ ଦ୍ୱାରା ଅଗ୍ନିହୋତ୍ର





ଶିବିରରେ ଉପସ୍ଥିତ ଶିବିରାର୍ଥୀ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

**ଶ୍ରୁତିସୌରଭ**

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



**Shruti Sourabha**
Spiritual Social Vedic Magazine
Bimonthly
Vol-3, Issue-1, Nov-Dec 2017


## ସୂଚୀପତ୍ର


| | | |
|---|---|---|
| ୦୧. | ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର | ୦୨ |
| ୦୨. | ଈଶ୍ୱର | ୧୧ |
| ୦୩. | ସତ୍ୟାର୍ଥ ପ୍ରକାଶ | ୨୦ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ସର୍ବେ ଭବନ୍ତୁ ସୁଖିନଃ :**

# ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ. —** ସ୍ୱାମୀଜୀ ! ଆମର ଜଣେ ଦର୍ଶକ ବନ୍ଧୁ ପ୍ରଶ୍ନଟିଏ ପଚାରିଛନ୍ତି । ସେ ଲେଖିଛନ୍ତି — "ସ୍ୱାମୀଜୀ ! ଆପଣଙ୍କ ବହୁ କଥା ଆମ ବିଚାରର ଅନୁକୂଳ ନ ହେଉଥିଲେ ମଧ୍ୟ ଆପଣଙ୍କ କଥା ପଛରେ ସୁଦୃଢ଼ ଯୁକ୍ତି, ବଳିଷ୍ଠ ତର୍କ ଥିବା କାରଣରୁ ତାକୁ ବାଧ୍ୟ ହୋଇ ମାନିନେବାକୁ ପଡୁଛି । ବହୁ ସଂଶୟ ବି ଦୂର ହେଉଛି । କିନ୍ତୁ ସ୍ୱାମୀଜୀ ! ଲୋକେ କହୁଛନ୍ତି ଯେ — **'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର'** — ବିଶ୍ୱାସ ଦ୍ୱାରା ପରମେଶ୍ୱର ପ୍ରାପ୍ତ ହୁଅନ୍ତି, ତର୍କ ଦ୍ୱାରା ନୁହେଁ । ଏଣୁ ଈଶ୍ୱରଙ୍କ ପ୍ରାପ୍ତି ପାଇଁ ଯୁକ୍ତି-ତର୍କ ଅନାବଶ୍ୟକ । ଯୁକ୍ତି-ତର୍କ ଦ୍ୱାରା ବ୍ୟକ୍ତି ଈଶ୍ୱରଙ୍କଠାରୁ ଦୂରେଇ ଯାଏ । ଏଣୁ ଈଶ୍ୱରଙ୍କ ବିଷୟକ କଥାକୁ ବିଶ୍ୱାସ କରିନେବା ଉଚିତ, ତାକୁ ବିନା ତର୍କରେ ସ୍ୱୀକାର କରିନେବା ଉଚିତ ।' ଅତଃ ମୋର ଆପଣଙ୍କୁ ପ୍ରଶ୍ନ ଯେ — ଈଶ୍ୱରଙ୍କ ବିଷୟକ କଥା, ଯେଉଁଠି ଯେମିତି ଯାହା ଶୁଣିବାକୁ ମିଳେ, ତାକୁ ବିନା ତର୍କରେ ସ୍ୱୀକାର କରିନେବା ଉଚିତ କି ? ଈଶ୍ୱରଙ୍କ ବିଷୟରେ ତର୍କ କଲେ କ'ଣ ଆମେ ଈଶ୍ୱରଙ୍କ ଠାରୁ ଦୂରେଇ ଯିବା କି ?"

**ସ୍ୱାମୀଜୀ —** କୌଣସି ବସ୍ତୁକୁ ପାଇବାକୁ ହେଲେ ପ୍ରଥମେ କ'ଣ ଦରକାର ?- ସେ ବସ୍ତୁ ସମ୍ବନ୍ଧୀୟ ଜ୍ଞାନ ଆବଶ୍ୟକ । ଅର୍ଥାତ୍ ସେଇଟା କି ପଦାର୍ଥ, କେମିତିକା ପଦାର୍ଥ, କେଉଁଠି ମିଳେ, କେମିତି ମିଳେ ଇତ୍ୟାଦି ବିଷୟରେ ଜାଣିବା ଦରକାର । ଆଚ୍ଛା ! କୌଣସି ବସ୍ତୁକୁ ପ୍ରାପ୍ତ କରିବାକୁ ହେଲେ ତାକୁ ଠିକ୍ ରୂପେ ଜାଣିବା ଆବଶ୍ୟକ ନା ଠିକ୍-ଭୁଲ୍ ଯେମିତି ଜାଣିଲେ ବି ଚଳିବ ?

**ପ୍ର.କ. —** ଠିକ୍ ରୂପେ ଜାଣିବା ଦରକାର । କୌଣସି ବସ୍ତୁ ବିଷୟରେ ଜ୍ଞାନ ଭୁଲ୍ ହେଲେ, ତାକୁ ପାଇବା ସମ୍ଭବ ହେବ ନାହିଁ । ଯେମିତିକି ଯେଉଁ ପଦାର୍ଥ ଯେଉଁ ଜାଗାରେ ବାସ୍ତବରେ ଅଛି, ଆମ ଜାଣିବା ଭୁଲ୍ ହେବା କାରଣରୁ ଆମେ ତାକୁ ସେଇଠି ନ ଖୋଜି ଯଦି ଅନ୍ୟଠି ଖୋଜିବା ତେବେ ଯେତେ ସମୟ ଖୋଜିଲେ ବି ସେ ପଦାର୍ଥ କେବେ ମଧ୍ୟ ପାଇବା ନାହିଁ ।

**ସ୍ୱାମୀଜୀ —** ଠିକ୍ । ତା' ଛଡ଼ା ଆଉ ଗୋଟିଏ କଥା ବି ହେଲା ଯେ, ଯେଉଁ ପଦାର୍ଥର ସ୍ୱରୂପ ଯେମିତି ତାକୁ ସେଭଳି ଜାଣି ସେଭଳି ଭାବି ଖୋଜିଲେ ଆମେ ପାଇ ପାରିବା । ଭୁଲ୍ ଜ୍ଞାନ ଯୋଗୁଁ ଛୁଞ୍ଚିକୁ ଯଦି ହାତୀ ଭଳି ବୋଲି ଭାବି ଖୋଜିବା ତେବେ କେବେ ବି ଛୁଞ୍ଚି ପାଇବା ନାହିଁ ।

ଆଉ ଗୋଟିଏ କଥା । ମନେକରନ୍ତୁ ଆମେ ଗୋଟିଏ ପଦାର୍ଥ ପ୍ରାପ୍ତ କରିବାକୁ ଚାହୁଁଛେ । ଆମେ ସେ ପଦାର୍ଥ ବିଷୟରେ ଠିକ୍ ରୂପେ ଜାଣିନାହେଁ । ଆମେ ଯେତେବେଳେ ଅନ୍ୟଙ୍କୁ ସେ ବିଷୟରେ ପଚାରିଲେ, ଆମକୁ ଅନେକ ପ୍ରକାର ମତ ଶୁଣିବାକୁ ମିଳିଲା । ସେ ମତଗୁଡ଼ିକ ମଧ୍ୟରୁ ଅନେକ ପରସ୍ପରର ବିରୁଦ୍ଧ ମଧ୍ୟ । ସେତେବେଳେ ଆମର ସେ ସବୁଯାକ ବିଚାର ଉପରେ ବିଶ୍ୱାସ ହୁଏ ନା ସଂଶୟ ହୁଏ ?

**ପ୍ର.କ. —** କେତେକ କଥା ଉପରେ ବିଶ୍ୱାସ ହୁଏ ତ କେତେକ ଉପରେ ସଂଶୟ ହୁଏ ।

**ସ୍ୱାମୀଜୀ —** ଆମେ ଗୋଟିଏ ବସ୍ତୁ ବିଷୟରେ ଆଦୌ ଜାଣିନେ । ଜାଣିବା ପାଇଁ ପଚାରିଲେ । ଜଣେ କହିଲେ — 'ସେଇଟା ଦଶ ଫୁଟ ଲମ୍ବା । ବାଡ଼ି ଭଳି ସିଧା ।' ଆଉ ଜଣେ କହିଲେ — 'ସେଇଟା ପଚାଶ ଫୁଟ ଲମ୍ବର ଦଉଡ଼ି ଭଳି ପଦାର୍ଥ ।' ଆଉ ଜଣେ କହିଲେ — 'ସେଇଟା ଛୋଟ ଚାରିକୋଣିଆ ଜିନିଷଟିଏ ।' ଆଉ ଜଣେ କହିଲେ—

'ସେଇଟା ପେଣ୍ଡୁ ଭଳି ଗୋଲାକାର ନିଦା ବସ୍ତୁ।' ଆଉ ଜଣେ କହିଲେ — 'ସେଇଟା ଜଳ ଭଳି ତରଳ ପଦାର୍ଥ' ଇତ୍ୟାଦି...। ଏଭଳି ଯଦି ଅନେକ ପ୍ରକାର ପରସ୍ପର-ବିରୁଦ୍ଧ ଉତ୍ତର ମିଳିବ, ତେବେ ଆମର ସେ ସବୁଯାକ ଉତ୍ତର ଉପରେ ବିଶ୍ୱାସ ହେବ ନା ସଂଶୟ ହେବ, ପ୍ରଶ୍ନ ଉଠିବ ଯେ ଏ ଭିତରୁ କେଉଁ କଥା ଠିକ୍?

**ପ୍ର.କ. —** ସ୍ୱାଭାବିକ ଭାବେ ସଂଶୟ ହେବ, ପ୍ରଶ୍ନ ଉଠିବ ଯେ କେଉଁଟି ଠିକ୍, ଯେହେତୁ କି ଏ ଉତ୍ତରଗୁଡ଼ିକ କାହା କଥା ସହ କିଏ ମେଳ ଖାଉନି, ପରସ୍ପର ବିରୁଦ୍ଧ ବି ଅଛି।

**ସ୍ୱାମୀଜୀ —** ତା' ମାନେ ଆମେ ଏ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, କୌଣସି ପଦାର୍ଥ ବିଷୟରେ ଅର୍ଥାତ୍ ସେ ପଦାର୍ଥର ସ୍ୱରୂପ, ତା'ର କାର୍ଯ୍ୟ ବିଷୟରେ, ତା'ର ଉପଲବ୍ଧିର ସ୍ଥାନ ଓ ପଦ୍ଧତି ବିଷୟରେ ଯେତେବେଳେ ଭିନ୍ନ-ଭିନ୍ନ କଥା, ପରସ୍ପର-ବିରୁଦ୍ଧ କଥା ଆମେ ସଂସାରରେ ଶୁଣୁ ସେତେବେଳେ ସ୍ୱାଭାବିକ ଭାବେ ସେହି ବସ୍ତୁର ସ୍ୱରୂପ, ତା'ର ପ୍ରାପ୍ତିର ସ୍ଥାନ ଓ ପଦ୍ଧତି ଆଦି ବିଷୟରେ ଆମ ମନରେ ସଂଶୟ ଜାତ ହୁଏ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ସଂଶୟ ଥିବା ପର୍ଯ୍ୟନ୍ତ କୌଣସି ପଦାର୍ଥ ପ୍ରାପ୍ତି ପାଇଁ ପୂର୍ଣ୍ଣ ଶକ୍ତି-ସାମର୍ଥ୍ୟ ଉପଯୋଗ କରିବାର ଇଚ୍ଛା ତୀବ୍ର ହୁଏ ନାହିଁ। ସବୁବେଳେ ମନରେ ଏ ଭାବନା ଆସୁଥାଏ ଯେ - ଏ ବସ୍ତୁ ଯଦି ଏମିତି ହୋଇନଥିବ, ଏମିତି ଉପାୟରେ ଯଦି ମିଳୁନଥିବ ଇତ୍ୟାଦି। ଆଚ୍ଛା! ଯେତେବେଳେ କୌଣସି ବିଷୟରେ ଅନେକ ପ୍ରକାର ବିଚାରକୁ ନେଇ ଆମ ଭିତରେ ସଂଶୟ ଜାତ ହୁଏ, ସେତେବେଳେ ଆମେ କେମିତି ନିର୍ଣ୍ଣୟରେ ପହଞ୍ଚୁ?

**ପ୍ର.କ. —** ଯେତେବେଳେ ଆମେ ନିଜେ ସେ ଜିନିଷ ଉପରେ କିଛି ନା କିଛି ତର୍ଜମା କରୁ ଆମ ଜ୍ଞାନର ସାମର୍ଥ୍ୟ ଆଧାରରେ, ତା' ପରେ ଆମେ ହୁଏତ କୌଣସି ନିର୍ଣ୍ଣୟରେ ପହଞ୍ଚୁ।

**ସ୍ୱାମୀଜୀ —** ତା' ଅର୍ଥ ଏଭଳି ସ୍ଥିତିରେ ତର୍ଜମା କରିବା, ପରୀକ୍ଷା କରିବା, ତର୍କ କରିବା ନିହାତି ଆବଶ୍ୟକ ହୁଏ। ପରୀକ୍ଷା କରି, ତର୍ଜମା କରି ହିଁ ନିର୍ଣ୍ଣୟରେ ପହଞ୍ଚିବା ଉଚିତ ହୋଇଥାଏ। ଶାସ୍ତ୍ରରେ ବି କୁହାଯାଇଛି ଯେ — **'ପ୍ରମାଣୈରର୍ଥପରୀକ୍ଷଣଂ ନ୍ୟାୟଃ'** (ନ୍ୟାୟ. ୧:୧:୧. ବାତ୍ସାୟନ ଭାଷ୍ୟ) — ପ୍ରମାଣ ଆଧାରରେ ପରୀକ୍ଷା ପୂର୍ବକ କୌଣସି ବିଷୟରେ ଯଥାର୍ଥ ନିଷ୍କର୍ଷରେ ଉପନୀତ ହେବା ହିଁ ନ୍ୟାୟ। ସଂଶୟପୂର୍ବକ ତର୍କ ଦ୍ୱାରା ବିଚାର କରି ପକ୍ଷ-ପ୍ରତିପକ୍ଷ ହେତୁ ପ୍ରୟୋଗ ଦ୍ୱାରା ବାସ୍ତବିକତା ନିରୂପଣ କରିବା ହିଁ ନିର୍ଣ୍ଣୟ ଅଟେ — **'ବିମୃଶ୍ୟ ପକ୍ଷପ୍ରତିପକ୍ଷାଭ୍ୟାମର୍ଥାବଧାରଣଂ ନିର୍ଣ୍ଣୟଃ'** (ନ୍ୟାୟ.୧:୧:୪୧)।

ପରମପିତା ପରମାତ୍ମା ଆମକୁ ଏ ଶରୀର ଦେଇଛନ୍ତି। ଏ ଶରୀର ଭିତରେ ବହୁତ ଗୁଡ଼ିଏ ଅଙ୍ଗ-ପ୍ରତ୍ୟଙ୍ଗ ଦେଇଛନ୍ତି। ଆଚ୍ଛା! ଅଙ୍ଗ-ପ୍ରତ୍ୟଙ୍ଗ କ'ଣ ପାଇଁ ଦେଇଛନ୍ତି? ଅଙ୍ଗ-ପ୍ରତ୍ୟଙ୍ଗ ଦେବାର ଏକ ଉଦ୍ଦେଶ୍ୟ ମଧ୍ୟ ପଦାର୍ଥକୁ ପରୀକ୍ଷା କରି ନିର୍ଣ୍ଣୟ କରିବା। ଆଖି ଦ୍ୱାରା ଆମେ ରୂପକୁ ଜାଣିପାରୁ, କାନ ଦ୍ୱାରା ଶବ୍ଦ ଜାଣିପାରୁ, ନାକ ଦ୍ୱାରା ଗନ୍ଧ ବାରିପାରୁ, ଜିଭ ଦ୍ୱାରା ରସକୁ ଜାଣିପାରୁ ଏବଂ ଚର୍ମ ଦ୍ୱାରା କୋମଳ, କଠିନ, କର୍କଶ, ମସୃଣ ଆଦି ଜାଣିଥାଉ। କିନ୍ତୁ ଯେଉଁଟା ଅତୀନ୍ଦ୍ରିୟ ବିଷୟ, ଯାହାର କି ରୂପ, ରସ, ଶବ୍ଦ, ସ୍ପର୍ଶ, ଗନ୍ଧ ନାହିଁ ତାକୁ ଜାଣିବାର ଉପାୟ କ'ଣ? ଯଥା- ଆତ୍ମା, ପରମାତ୍ମା ଆଦି। ପରମପିତା ପରମାତ୍ମା ଅରୂପ, ଅରସ, ଅଶବ୍ଦ, ଅସ୍ପର୍ଶ, ଅଗନ୍ଧ ଅଟନ୍ତି। ତେଣୁ ଆଖି, ନାକ, କାନ ଆଦି ଦ୍ୱାରା ତାଙ୍କୁ ପରୀକ୍ଷା କରି ଆମେ କେବେ ମଧ୍ୟ ଜାଣିପାରିବା, ନିର୍ଣ୍ଣୟ କରିପାରିବା ନାହିଁ। ସେ କ୍ଷେତ୍ରରେ ଆମେ କ'ଣ କରିବା? କ'ଣ ପରମାତ୍ମାଙ୍କ ବିଷୟରେ ଯିଏ ଯାହା କହିଲେ ତାହା ବିଶ୍ୱାସ କରିବା? ସେ କ୍ଷେତ୍ରରେ ବୁଦ୍ଧିପୂର୍ବକ ତର୍କ ଦ୍ୱାରା ନିର୍ଣ୍ଣୟ କରିବାକୁ ପଡ଼ିବ।

ତା' ଛଡ଼ା ଯେଉଁ ବ୍ୟକ୍ତି ଏଇ କଥା କହିଲେ ଯେ — "ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର — ଅର୍ଥାତ୍ ବିଶ୍ୱାସ ଦ୍ୱାରା ଈଶ୍ୱର ମିଳନ୍ତି, ଯୁକ୍ତି-ତର୍କ ଦ୍ୱାରା ଈଶ୍ୱର ଦୂରେଇ ଯାଆନ୍ତି, ମିଳନ୍ତି ନାହିଁ। ତେଣୁ ବିନା ଯୁକ୍ତି-ତର୍କରେ ଈଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ। ଅତଏବ ତୁମେ ବିନା ତର୍କରେ ଈଶ୍ୱରଙ୍କୁ ବିଶ୍ୱାସ କର।" ତାଙ୍କର ଏଇ କଥାଟି ବି

ଗୋଟିଏ ଯୁକ୍ତି କି ନୁହେଁ ?

**ପ୍ର.କ. —** ନିଶ୍ଚୟ ରୂପେ ଏଇଟା ବି ଗୋଟିଏ ଯୁକ୍ତି। ସେ ତର୍କ ଦେଲେ ଯେ- 'ଯେହେତୁ ତର୍କ ଦ୍ୱାରା ଈଶ୍ୱର ଦୂରେଇଯା'ନ୍ତି, ମିଳନ୍ତି ନାହିଁ; ତେଣୁ ବିନା ତର୍କରେ ଈଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ।'

**ସ୍ୱାମୀଜୀ —** ଇଏ ତ ବଡ଼ ବିଚିତ୍ର କଥା ହେଲା। ଏଣେ ସେ କହୁଛନ୍ତି ଯେ ତର୍କ ଦ୍ୱାରା ଈଶ୍ୱର ମିଳିବେ ନାହିଁ, ତେଣେ ସେ ନିଜେ ତର୍କ ଦେଉଛନ୍ତି ଯେ 'ତର୍କ ଦ୍ୱାରା ଈଶ୍ୱରଙ୍କଠୁ ଆମେ ଦୂରେଇ ଯାଉଥିବା କାରଣରୁ ବିନା ତର୍କରେ ଈଶ୍ୱରଙ୍କୁ ବିଶ୍ୱାସ କରିବା ଉଚିତ।' ଏହା ହେଲା 'ବଦତୋବ୍ୟାଘାତ ଦୋଷ'— ନିଜ କଥାକୁ ନିଜେ ଖଣ୍ଡନ କରିବା। ନ୍ୟାୟଦର୍ଶନରେ ଏହାକୁ ନିଗ୍ରହସ୍ଥାନ ବୋଲି କହନ୍ତି **—'ବିପ୍ରତିପତ୍ତିରପ୍ରତିପତ୍ତିଶ୍ଚ ନିଗ୍ରହସ୍ଥାନମ୍'**(ନ୍ୟାୟ. ୧:୨:୧୯) ।

ଆମେ ପୂର୍ବରୁ ଆଲୋଚନା କରିଛେ ଯେ ସଂସାରରେ କୌଣସି ବିଷୟରେ ଯାହା-ଯାହା ଶୁଣାଯାଇଥାଏ ସେସବୁ ସର୍ବଦା ସତ୍ୟ ହିଁ ହେବ ସେମିତି କିଛି ନିୟମ ନାହିଁ। ଅନେକ କାରଣରୁ ସମସ୍ତେ ଠିକ୍ କଥା କହିନଥାନ୍ତି। ସମସ୍ତେ ସବୁ କଥା ଠିକ୍-ଠିକ୍ ଜାଣିନଥାନ୍ତି। ଅନେକେ ଅନେକ ବିଷୟରେ ନ ଜାଣି ମଧ୍ୟ ନିଜର ଅଜ୍ଞତା ପ୍ରକାଶ ନ କରି ସେ କଥା ଜାଣିବା ଭଳି ମନ୍ତବ୍ୟ ଦେଇଥାନ୍ତି। ଯଥା — ଜଣେ ଥରେ ଅନ୍ୟଙ୍କୁ ପଚାରିଲା — 'ସିଂହ ଅଣ୍ଡା ଦିଏ ନା ଛୁଆ ଦିଏ ?' ଜଣେ ଉତ୍ତର ଦେଲା — 'ସିଂହ ଅଣ୍ଡା ଦିଏ।' ଆଉ ଜଣେ କହିଲା — 'ସିଂହ ଛୁଆ ଦିଏ।' ତୃତୀୟ ଜଣକ କହିଲା — 'ସିଂହ ଜଙ୍ଗଲର ରାଜା। ସିଏ ଯାହା ଚାହିଁବ ତାହା କରିପାରିବ। ତା'ର ଯେତେବେଳେ ଇଚ୍ଛା ଛୁଆ ଦେବ, ଯେତେବେଳେ ଇଚ୍ଛା ଅଣ୍ଡା ଦେବ।' ଚତୁର୍ଥ ଜଣକ କହିଲା — 'ସିଂହ ଅଣ୍ଡା ଦିଏନି କି ଛୁଆ ଦିଏନି। ସିଂହୀ ଛୁଆ ଦିଏ।'

ଠିକ୍ ସେହିପରି ଈଶ୍ୱରଙ୍କ ବିଷୟରେ ମଧ୍ୟ ଅନେକ କଥା ଶୁଣାଯାଏ। ସେଥିରୁ ବହୁ କଥା ପରସ୍ପର-ବିରୁଦ୍ଧ ମଧ୍ୟ। ତେଣୁ ବିନା ତର୍କରେ ଆମେ ଈଶ୍ୱରଙ୍କ ବିଷୟକ ଏସବୁ କଥାରୁ କେଉଁଟି ଠିକ୍ କେମିତି ଜାଣିବା ? କେଉଁଟିକୁ ବିଶ୍ୱାସ କରିବା ? ମନେକରନ୍ତୁ ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ପାଇବା ପାଇଁ ତାଙ୍କ ପୂଜା-ଉପାସନା କରିବାକୁ ଚାହିଁଲେ। ତାଙ୍କୁ ଜଣେ କହିଲେ — ' ଆପଣ ଭଗବାନଙ୍କ ପାଇଁ ଧୋତିଟିଏ ଆଣନ୍ତୁ। ଈଶ୍ୱର ଅମୁକ ରଙ୍ଗର ଧୋତି ପିନ୍ଧନ୍ତି।' ସେ ଧୋତି ଆଣିବା ପାଇଁ ବଜାରକୁ ଗଲାବେଳେ ରାସ୍ତାରେ କାହା ସହ ଏ ବିଷୟରେ କଥା ହେଲେ। ସେହି ବ୍ୟକ୍ତି କହିଲେ — 'ନାଇଁ, ନାଇଁ, ଧୋତି କିଣନ୍ତୁ ନାହିଁ। ଈଶ୍ୱର ହେଲେ ଆଦ୍ୟାଶକ୍ତି। ସେ ଧୋତି ନୁହେଁ, ଶାଢ଼ି ପିନ୍ଧନ୍ତି। ସେଇ ରଙ୍ଗର ନୁହେଁ, ଏଇ ରଙ୍ଗର। ଏଇ ରଙ୍ଗର ଶାଢ଼ି ଦେବା ଦ୍ୱାରା ହିଁ ତାଙ୍କର ପ୍ରୀତି ସଂପାଦନ କରିପାରିବେ।' ସେ ବ୍ୟକ୍ତି ବର୍ତ୍ତମାନ ସଂଶୟରେ ପଡ଼ିଲେ। କ'ଣ କରିବେ ? ତେଣୁ ଆଉ ଜଣକୁ ପଚାରିଲେ— 'ଈଶ୍ୱରଙ୍କୁ ଶାଢ଼ି ଦେଲେ ସେ ପ୍ରୀତ ହେବେ ନା ଧୋତି ? ସେ କ'ଣ ପିନ୍ଧନ୍ତି ?' ସେ ବ୍ୟକ୍ତି ଉତ୍ତର ଦେଲେ— 'ଈଶ୍ୱର କେବଳ ପୁରୁଷ ନୁହଁନ୍ତି କି କେବଳ ସ୍ତ୍ରୀ ନୁହଁନ୍ତି। ସେ ହେଲେ ଅର୍ଦ୍ଧନାରୀଶ୍ୱର- ସିଏ ଫାଳେ ପୁରୁଷ ଓ ଫାଳେ ନାରୀ। ଏଣୁ ଅଧା ଶରୀରରେ ଶାଢ଼ି ପିନ୍ଧନ୍ତି ଓ ବାକି ଅଧାରେ ଧୋତି। ଆପଣ ଦୁଇଟି ଯାକ ଦେଲେ ଯାଇ ଈଶ୍ୱରଙ୍କୁ ପ୍ରସନ୍ନ କରିପାରିବେ। କୌଣସି ଗୋଟିକରେ ନୁହେଁ।' ସେ ବ୍ୟକ୍ତିଙ୍କର ସମସ୍ୟାର ସମାଧାନ କ'ଣ ହେବ ? ସଂଶୟ ଆହୁରି ବଢ଼ିଗଲା ଏ ତୃତୀୟ ପ୍ରକାର କଥାରେ। ସେହିଭଳି ଆହୁରି କେତେ ପ୍ରକାର ବିଚାର ବି ତାଙ୍କୁ ଶୁଣିବାକୁ ମିଳିଲା। କିଏ କହିଲେ ଯେ — ଈଶ୍ୱରଙ୍କୁ ଖିରୀ ବହୁତ ପସନ୍ଦ। କ୍ଷିରୀ ଭୋଗ ଲଗାଇଲେ ସେ ଖୁସି ହୋଇ ଚାଲିଆସିବେ ତୁମ ପାଖକୁ। ଆଉ କିଏ କହିଲେ— ଖିରୀ ନୁହେଁ, ମଣ୍ଡା ଦେଲେ ଈଶ୍ୱରଙ୍କ ମୁଣ୍ଡ ଥଣ୍ଡା ରହେ। ସେ ତୁମ କଥା ଶୁଣିବେ ଶାନ୍ତିରେ। କିଏ କହିଲେ ଯେ ମଣ୍ଡା ନୁହେଁ କାକରା, ଆଉ କିଏ କହିଲେ ପୋଡ଼ପିଠା, ଆଉ କିଏ କହିଲେ ଲିଆମୁଆଁ ଇତ୍ୟାଦି। ଏତେ ସବୁ ଶୁଣି ସେ ଆଉ ଜଣକ ପାଖକୁ ଯାଇ ପଚାରିଲେ ଯେ, 'ଏସବୁ ଭିତରୁ କେଉଁଠି ଠିକ୍ ?' ଉତ୍ତରଦାତା ଉତ୍ତର ଦେଲେ — 'ଈଶ୍ୱର ପରୁଷ ନୁହଁନ୍ତି କି ସ୍ତ୍ରୀ ବି ନୁହଁନ୍ତି। ବାସ୍ତବିକ କଥା ହେଲା ଯେ ଈଶ୍ୱରଙ୍କର ଶରୀର ହିଁ ନାହିଁ। ସେ କେବେ ବି

ଶରୀର ଧାରଣ କରନ୍ତି ନାହିଁ। ତାଙ୍କ ପାଇଁ ଧୋତି ବି ଅନାବଶ୍ୟକ, ଶାଢ଼ି ବି ଅନାବଶ୍ୟକ। ତେଣୁ ଅଯଥା କାହିଁକି କିଛି ଆଣିବେ ? ଦ୍ୱିତୀୟରେ, ଯିଏ କିଛି ପାଇଲେ ପ୍ରୀତ ହୁଅନ୍ତି, ନ ପାଇଲେ ଅପ୍ରସନ୍ନ ହୁଅନ୍ତି ସିଏ ଈଶ୍ୱର ହିଁ ନୁହନ୍ତି। କୌଣସି ପଦାର୍ଥ ଦେଇ ଈଶ୍ୱରଙ୍କୁ ପ୍ରସନ୍ନ କରିବା ବୋଲି ଭାବିବା ଆମର ମୂର୍ଖତା ମାତ୍ର।'

ବର୍ତ୍ତମାନ ସେ ବ୍ୟକ୍ତି ଆଗରେ ଏତେ ପ୍ରକାରର ଯେଉଁ ଭିନ୍ନ-ଭିନ୍ନ ବିଚାର ଆସିଲା ସେ ସବୁଗୁଡ଼ିକୁ ସେ ଲୋକ କେମିତି ବିଶ୍ୱାସ କରିପାରିବ ? ତାଙ୍କୁ ତ କମ୍ ସେ କମ୍ ନିଜ ଭିତରେ ତର୍କ-ବିତର୍କ କରିବାକୁ ପଡ଼ିବ, ବୁଦ୍ଧି ଖଟାଇବାକୁ ପଡ଼ିବ।

ଅତଏବ ଇଏ ଯେଉଁ କଥା କୁହାଯାଉଛି ସଂସାରରେ କି — 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର' — ଏଇ କଥାଟି ଏଇଥି ପାଇଁ ଭୁଲ୍ ଯେହେତୁ କି ଈଶ୍ୱରଙ୍କ ବିଷୟରେ ସଂସାରରେ ବହୁ ପରସ୍ପର-ବିରୁଦ୍ଧ ବିଚାର ଶୁଣିବାକୁ ମିଳେ; ଯଥା— ସିଏ ସତ୍ୟସ୍ୱରୂପ, ସତ୍ୟାଚରଣ ଦ୍ୱାରା ହିଁ ମିଳନ୍ତି — **'ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ ଆତ୍ମା ସମ୍ୟଗ୍ଜ୍ଞାନେନ ବ୍ରହ୍ମଚର୍ଯ୍ୟେଣ ନିତ୍ୟମ୍'** (ମୁଣ୍ଡକ. ୩:୧:୫)।

ଅନ୍ୟପକ୍ଷରେ ଶୁଣାଯାଏ ଯେ 'କରି କରାଉଥାଏ ମୁହିଁ' — ସଂସାରରେ ଭଲ-ମନ୍ଦ, ସତ୍ୟ-ମିଥ୍ୟା ଯିଏ ଯାହା କରୁଛନ୍ତି, ସେ ସବୁ ଈଶ୍ୱର ହିଁ କରାଉଛନ୍ତି। ଏଣୁ ଈଶ୍ୱର ପ୍ରାପ୍ତି ପାଇଁ ସତ୍ୟ-ମିଥ୍ୟା ଆଚରଣ ଯାହା ହେଲେ ବି ଅସୁବିଧା ନାହିଁ। ଏପଟେ ଶୁଣାଯାଏ ଯେ ଈଶ୍ୱର ନ୍ୟାୟକାରୀ, କର୍ମ ଅନୁସାରେ ଫଳ ଦିଅନ୍ତି, ଅଶୁଭ କର୍ମ କଲେ ଦଣ୍ଡ ନିଶ୍ଚିତ ଭୋଗିବାକୁ ପଡ଼ିବ। ଅନ୍ୟପକ୍ଷରେ ଶୁଣାଯାଏ ଯେ ଯେତେ ପ୍ରକାର ପାପ କର୍ମ କରିଥିଲେ ମଧ୍ୟ ତାଙ୍କ ନାମ ଜପ କରିଦେଲେ କି ଅମୁକ ତୀର୍ଥ ସ୍ଥାନରେ ସ୍ନାନ କରିଦେଲେ କିମ୍ବା ଅମୁକ ବ୍ରତ-ଉପବାସ ଆଦି କରିଦେଲେ ବ୍ୟକ୍ତିର ସବୁ ପାପ ଧୋଇହୋଇଯାଏ ଓ ସେ ଈଶ୍ୱରଙ୍କୁ ପ୍ରାପ୍ତ ହୋଇଯାଏ। ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ସବୁ କଥା ଉପରେ କିପରି ବିଶ୍ୱାସ କରିପାରିବ ? ଏଥିରୁ ଗୋଟିକୁ ବିଶ୍ୱାସ କରିବା ଅର୍ଥ ତା'ର ବିରୁଦ୍ଧ ବିଚାରକୁ ଅବିଶ୍ୱାସ କରିବା। ଯଦି ଆମେ ବିଶ୍ୱାସ କଲେ ଯେ ଈଶ୍ୱର ସତ୍ୟସ୍ୱରୂପ-ଶୁଦ୍ଧସ୍ୱରୂପ, ତେବେ ଆପେ ଅନ୍ୟପକ୍ଷଟି ଖଣ୍ଡନ ହୋଇଗଲା ଯେ ଈଶ୍ୱର ଅସତ୍ୟ, ଅଶୁଦ୍ଧ କର୍ମ କରନ୍ତିନି କି କରାନ୍ତିନି। ଏଭଳି ସ୍ଥିତିରେ ବିନା ତର୍କରେ ବିଶ୍ୱାସ ଜନ୍ମିବା ସମ୍ଭବ ନୁହେଁ। ଆଉ ଯଦି ବି ବିଶ୍ୱାସ ଜନ୍ମେ ତାହା ଦୃଢ଼ ହୋଇପାରିବ ନାହିଁ। ସବୁବେଳେ ସଂଶୟ ଆସୁଥିବ ମନରେ ଯେ ମୁଁ ଯେଉଁଟିକୁ ବିଶ୍ୱାସ କରୁଛି ସେଇଟା ଠିକ୍ ତ ? ଯଦି ସେଇଟା ଭୁଲ୍ ହୋଇଥିବ ତେବେ ତ ଈଶ୍ୱର ମିଳିବେ କ'ଣ ବରଂ ମୁଁ ଭୁଲ୍ ରାସ୍ତାରେ ଯାଇ ଈଶ୍ୱରଙ୍କଠାରୁ ଦୂରେଇ ଯାଉନି ତ ? ତା' ଛଡ଼ା ଏ ପ୍ରଶ୍ନ ବି ଉଠିବ ଯେ ଈଶ୍ୱରଙ୍କ ବିଷୟକ ଭୁଲ୍ କଥାକୁ ବିଶ୍ୱାସ କରି ଭୁଲ୍ ରାସ୍ତାରେ ଗଲେ, ଈଶ୍ୱର ମୋତେ ମିଳିବେ ତ ନାହିଁ, ଅଧିକନ୍ତୁ ଦଣ୍ଡ ମିଳିବ ନା ନାହିଁ ?

ମନେକରନ୍ତୁ ଆପଣ ଆପଣଙ୍କ ପିଲାକୁ ଜଣେ ଉତ୍ତମ ଟିଉସନ୍ ଶିକ୍ଷକଙ୍କ ପାଖକୁ ପଠାଇଲେ ଯିଏକି ପାଠକୁ ବାରମ୍ବାର ଭଲ ଭାବେ ବୁଝାନ୍ତି, ଛାତ୍ରର ଯୋଗ୍ୟତା ବଢ଼ାନ୍ତି। ଆପଣଙ୍କ ଉଦ୍ଦେଶ୍ୟ ହେଲା ଯେ, ପିଲା ପାଠକୁ ଯେତେ ଭଲ ବୁଝିବ, ଭବିଷ୍ୟତରେ ସେତେ ଭଲ ହେବ। ପିଲା ଦିନେ-ଦୁଇଦିନ ସେ ସାରଙ୍କ ପାଖକୁ ଗଲା। ତା' ପରେ ସାଙ୍ଗ କଥାରେ ପଡ଼ି ସେଠାକୁ ନ ଯାଇ ଅନ୍ୟ ଏକ ଶିକ୍ଷକଙ୍କ ପାଖକୁ ଗଲା, ଯେଉଁଠିକି ଶିକ୍ଷକ ବିଶେଷ ବୁଝାନ୍ତି ନାହିଁ, କେବଳ ଘୋଷାନ୍ତି। ଆପଣ ନିଜ ପିଲାକୁ ପାଠ କଥା ପଚାରିଲେ ସେ କହିଚାଲିଛି ଯେ ପାଠ ପଢ଼ା ଠିକ୍ ଚାଲିଛି। ପରୀକ୍ଷାରେ, ଏଣ୍ଟ୍ରାନ୍ସରେ ଯେତେବେଳେ ସେ ଅକୃତକାର୍ଯ୍ୟ ହେବ ସେତେବେଳେ ଆପଣ ତାକୁ ପଚାରିବେ, 'କ'ଣ ପାଇଁ ପରୀକ୍ଷାରେ ଭଲ ପରିଣାମ ହେଲା ନାହିଁ ?' ସେ କହିବ, 'ମୁଁ କୌଣସି ପାଠ ବି ଭଲ ଭାବେ ବୁଝିନଥିଲି। ମୋ ସାଙ୍ଗ ଏଇଠିକୁ ଟିଉସନ୍ ଯାଉଥିଲା । ସେ କହିଲା ପାଠ ବୁଝିବା ଦରକାର ନାହିଁ, ଖାଲି ଘୋଷିଲେ ହେଲା। ମୁଁ ବି ସେଥିପାଇଁ ତା' ସହ ଯାଉଥିଲି।' ତା'ର ଏ ଯେଉଁ ସମୟ ନଷ୍ଟ ହେଲା, ଆପଣଙ୍କର ଅର୍ଥ ଅଯଥା ନଷ୍ଟ ହେଲା, ଆପଣ ସେଥିପାଇଁ ସନ୍ତାନକୁ ଦଣ୍ଡ ଦେବେ ନା ପୁରସ୍କାର ?'

**ପ୍ର.କ. —** ନିଶ୍ଚିତ ରୂପେ ଦଣ୍ଡ ଦିଆଯିବ।

**ସ୍ୱାମୀଜୀ —** ସେ ଯେତେବେଳେ କହିବ, 'ମୁଁ ସାଙ୍ଗ କଥାରେ ବିଶ୍ୱାସରେ ଗଲି।' ଆପଣ ସେତେବେଳେ କ'ଣ କହିବେ ? ଆପଣ କହିବେ, 'ତୋ ସାଙ୍ଗ ଯଦି ଏକଥା କହିଲା ତେବେ ସାଙ୍ଗ କହିବା କଥା ଠିକ୍ ବୋଲି ତୁ କେମିତି ନିଶ୍ଚିତ ହେଲୁ ? ପରୀକ୍ଷାରେ ଏଣ୍ଟ୍ରାନ୍ସରେ ତ ଅନେକ ପଦ୍ଧତିରେ ପ୍ରଶ୍ନ ପଚରାଯାଏ। ବିଷୟକୁ ନ ବୁଝି କେବଳ ଘୋଷି ତୁ କୃତକାର୍ଯ୍ୟ ହୋଇଯିବୁ ବୋଲି କେମିତି ନିଶ୍ଚିତ ହେଲୁ ? ଭଗବାନ ତୋତେ ବୁଦ୍ଧି ଦେଇଛନ୍ତି ନା ନାହିଁ ? ତୋ ସାଙ୍ଗ କ'ଣ ସର୍ବଜ୍ଞ ? ଅନ୍ୟ ବଡ଼ମାନଙ୍କୁ ଏ ବିଷୟରେ ପଚାରି ନିର୍ଣ୍ଣୟ ନେଲୁ ନାହିଁ କାହିଁକି ?'

ଯେତେବେଳେ ଭଗବାନ ଆମ ସମସ୍ତଙ୍କୁ ବୁଦ୍ଧି ଦେଇଛନ୍ତି, ସେତେବେଳେ ଆମେ ଆଖିବୁଜି କୌଣସି କଥାକୁ ବିଶ୍ୱାସ କରିବା କାହିଁକି ? ଯଦି ବିନା ବିଚାରରେ ଆଖିବୁଜି ବିଶ୍ୱାସ କରିବା, ତେବେ ବୁଦ୍ଧିର ପୁଣି ଉପଯୋଗିତା କ'ଣ ?

ମନେକରନ୍ତୁ ଜଣକ ଘରେ ଲାକ୍ଟୋମିଟର୍ ଅଛି। ଖିର ପରୀକ୍ଷା କରିବା ପାଇଁ ଲାକ୍ଟୋମିଟର ବ୍ୟବହାର କରାଯାଏ। କ୍ଷୀରବାଲାମାନେ ଖିରରେ ପାଣି ମିଶାଇ ବିକ୍ରି କରିଦିଅନ୍ତି ବୋଲି ଗୃହସ୍ୱାମୀ ଲାକ୍ଟୋମିଟରଟିଏ ଆଣି ଘରେ ରଖିଲେ। ପତ୍ନୀଙ୍କୁ କହିଲେ — 'ଖିର ରଖିବା ବେଳେ ଏଥିରେ ପରୀକ୍ଷା କରି ରଖିବ। ଖିରବାଲାମାନେ ଦିନେ ଭଲ ଖିର ତ ଦିନେ ପାଣିମିଶା ଖିର ଦେଇପାରନ୍ତି।' ପତ୍ନୀ ଦିନେ-ଦୁଇଦିନ ପରୀକ୍ଷା କଲେ। ଠିକ୍ ଅଛି ଦେଖି ଆଉ ପରୀକ୍ଷା କଲେନି। ରଖିଚାଲିଲେ। ପତି ଦିନେ ଖିରର ଅବସ୍ଥା ଦେଖି ପଚାରିଲେ ଯେ, 'ଖିର ପରୀକ୍ଷା କରି କିଣୁଛ ତ ?' ପତ୍ନୀ ଉତ୍ତର ଦେଲେ — 'ଖିରବାଲା ତ କହୁଛି ଭଲ ଖିର ଦେଉଛି ବୋଲି। ତେଣୁ ଆଉ ପରୀକ୍ଷା କରୁନି।' ପତି ନିଜେ ପରୀକ୍ଷା କରି ଦେଖିଲେ ଯେ ପାଣିମିଶା ଖିର ରଖାଯାଇଛି। ସେ ପତ୍ନୀଙ୍କୁ ଗାଳି ଦେବେ ନା ପ୍ରଶଂସା କରିବେ ?

**ପ୍ର.କ. —** ଅବଶ୍ୟ ଗାଳି ଦେବେ। କାରଣ ସେ ଖିରବାଲାର କଥାକୁ ବିଶ୍ୱାସ କରି କ୍ଷତିରେ ପଡ଼ିଲେ, ଯେଉଁ ବିଶ୍ୱାସ କି ତାଙ୍କର କରିବାର ନଥିଲା।

**ସ୍ୱାମୀଜୀ —** ଗୃହସ୍ୱାମୀ ଲାକ୍ଟୋମିଟର ଆଣି ଘରେ କ'ଣ ପାଇଁ ରଖିଛନ୍ତି ? ଆମେ ଏତେ ଅସାବଧାନ ହେବାର କାରଣ କ'ଣ ? ଆମେ ଖିରରେ ଯନ୍ତ୍ରଟି ପକାଇ ଦେଖିପାରିବାନି ? **ପାଣିକୁ ଆମେ ଛଣାଯନ୍ତ୍ରରେ ଛାଣି ପିଇଲେ ଯେମିତି ଆମ ଶରୀର, ସ୍ୱାସ୍ଥ୍ୟ ଠିକ୍ ରହେ, ସେହିପରି ସଂସାରରେ ଧର୍ମ, ଅଧ୍ୟାତ୍ମ ଆଦି ବିଷୟରେ ଆମେ ଯାହା ବି ଶୁଣିବା ତାକୁ ବୁଦ୍ଧିରେ ପରୀକ୍ଷା କରି ଗ୍ରହଣ କଲେ ଆମ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଠିକ୍ ରହେ।**

ଏଇଠି ମୋର ଆଉ ଗୋଟିଏ ପ୍ରଶ୍ନ ଯେ ଯେଉଁମାନେ ଈଶ୍ୱରଙ୍କ ବିଷୟରେ ଯାହା କହୁଛନ୍ତି ସେ କଥା ଯଦି ଠିକ୍ ବୋଲି ସେମାନେ ସ୍ଥିର ନିଶ୍ଚିତ, ତେବେ ପୁଣି 'ବିଶ୍ୱାସେ ମିଳଇ ହରି', 'ତର୍କ କରିବା ଦରକାର ନାହିଁ' ବୋଲି କହୁଛନ୍ତି କାହିଁକି ? ୨ ରେ ୨ ମିଶାଇଲେ ୪। ଏହାକୁ ଯେତେ ଥର ପରୀକ୍ଷା କଲେ ବି ଅସୁବିଧା କ'ଣ ? ବିଜ୍ଞାନର ବହୁ ଜଟିଳ, ଗହନ, ସୂକ୍ଷ୍ମ କଥାକୁ ମଧ୍ୟ ବୈଜ୍ଞାନିକମାନେ ବିନା ପ୍ରଶ୍ନରେ, ତର୍କରେ, ପରୀକ୍ଷାରେ ଗ୍ରହଣ କରିନିଅ ବୋଲି କହୁନାହାନ୍ତି। ତେଣୁ ଈଶ୍ୱରଙ୍କ ବିଷୟରେ କୁହାଯାଉଥିବା କଥା ଯଦି ପୂର୍ଣ୍ଣତଃ ଠିକ୍ ତେବେ ତାକୁ ଆଖିବୁଜି ବିଶ୍ୱାସ କରିବାକୁ ନ କହି ପରୀକ୍ଷା ନିମନ୍ତେ, ତର୍କ ନିମନ୍ତେ ଖୋଲା ନିମନ୍ତ୍ରଣ ଜଣାଇବା ଉଚିତ। ପରୀକ୍ଷା ପାଇଁ ଆପତ୍ତି କାହିଁକି ? ଜଣେ ବିକୁଥିବା ଜିନିଷ ଯଦି ଠିକ୍ ନଥାଏ ତେବେ ତା'ର ମନ ଦକଦକ ହେଉଥାଏ। କଥାରେ ଅଛି ନା 'ଚୋର ମନ ଗଣ୍ଠିରେ।' କାଳେ ପରୀକ୍ଷା କଲେ ସତ ଜଣାପଡ଼ିଯିବ। ସେହିଭଳି ଯେଉଁମାନେ ଈଶ୍ୱରଙ୍କ ବିଷୟରେ ବୁଦ୍ଧିହୀନ, ଅସତ୍ୟ, ଅଯଥାର୍ଥ କଥା କହନ୍ତି ସେମାନେ ଭଲ ଭାବେ ଜାଣିଛନ୍ତି ଯେ, ସେମାନଙ୍କ କଥାକୁ ତର୍କର ତରାଜୁରେ ତଉଲିଲେ, ବୁଦ୍ଧିର କଷଟିରେ ପରୀକ୍ଷା କଲେ ସେମାନଙ୍କ ମିଥ୍ୟା, ଧୂର୍ତ୍ତତା, ଫନ୍ଦି-ଫିକର ସବୁ ଧରାପଡ଼ିଯିବ। ତେଣୁ ଏସବୁରୁ ରକ୍ଷା ପାଇଁ 'ମୂଳୁ ମାଇଲେ ଯିବ ସରି' ଆଧାରରେ ସେମାନେ ଗୋଟିଏ ଧୂର୍ତ୍ତତାପୂର୍ଣ୍ଣ ସୂତ୍ର ଉଦ୍‌ଭାବନ କରିଛନ୍ତି — 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର।' ଅତଏବ ଏ କଥାଟି ଶହେ ପ୍ରତିଶତ

ଭୁଲ୍। ଏହାର ବିପରୀତରେ ଭାରତୀୟ ମନୀଷୀଗଣ ଦୃପ୍ତ କଣ୍ଠରେ ଘୋଷଣା କରିଛନ୍ତି — **'ଯସ୍ତର୍କେଣାନୁସନ୍ଧତ୍ତେ ସଃ ଧର୍ମଂ ବେଦ ନେତରଃ'** (ମନୁ. ୧୨:୧୦୬) — ଯିଏ ତର୍କପୂର୍ବକ ଅନ୍ୱେଷଣ କରେ ସେ ହିଁ ଧର୍ମକୁ ଠିକ୍ ଭାବରେ ବୁଝିପାରେ, ସିଏ ହିଁ ଈଶ୍ୱରଙ୍କୁ ଯଥାର୍ଥତଃ ଜାଣିପାରେ। ତର୍କପୂର୍ବକ ଅନ୍ୱେଷଣ କରୁନଥିବା ଲୋକ ଧର୍ମକୁ, ଈଶ୍ୱରଙ୍କୁ ଠିକ୍ ରୂପେ ଜାଣିପାରିନଥାଏ। ମହର୍ଷି ଗୌତମ କହିଛନ୍ତି — **'ଅବିଜ୍ଞାତତତ୍ତ୍ୱେଽର୍ଥେ କାରଣୋପପତ୍ତିତସ୍ତତ୍ତ୍ୱ-ଜ୍ଞାନାର୍ଥମୂହସ୍ତର୍କଃ'** (ନ୍ୟାୟ. ୧:୧:୪୦)— ଯେଉଁ ବସ୍ତୁର ଯଥାର୍ଥତା ଆମକୁ ଜଣାନାହିଁ ତାକୁ ଠିକ୍ ରୂପେ ଜାଣିବା ପାଇଁ ତର୍କର ଆଶ୍ରୟ ନେବା ଉଚିତ। ବସ୍ତୁର ଯଥାର୍ଥ ସ୍ୱରୂପ ଜ୍ଞାନ ପାଇଁ ବସ୍ତୁ ବିଷୟକ ସାଧକ କାରଣର ଉପସ୍ଥିତିରେ ଊହା (ଅନୁକୂଳ-ପ୍ରତିକୂଳ ବିଚାର) କରିବା ହେଲା ତର୍କ।

ଅତଏବ ତର୍କ-ପ୍ରମାଣ ଦ୍ୱାରା ନିର୍ଣ୍ଣୟରେ ପହଞ୍ଚିଲେ ବିଶ୍ୱାସ ଜନ୍ମିଥାଏ, ବିଶ୍ୱାସ ଦୃଢ଼ ହୋଇଥାଏ। ଯେଉଁ ହିନ୍ଦୁମାନେ ଏକଥା କହିଥାନ୍ତି ଯେ 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର' ସେମାନଙ୍କ ମଧ୍ୟରୁ ପ୍ରାୟତଃ ନବେ କ'ଣ ଅନେଶତ ପ୍ରତିଶତ ହିନ୍ଦୁ ଏହାକୁ ବିଶ୍ୱାସ କରନ୍ତି ନାହିଁ।

**ପ୍ର.କ. —** ଆପଣ କେମିତି ଜାଣିଲେ ଯେ ସେମାନେ ବିଶ୍ୱାସ କରନ୍ତି ନାହିଁ ବୋଲି ?

**ସ୍ୱାମୀଜୀ —** ସେମାନଙ୍କ କାମରୁ। ପୁରାଣରେ କୁହାଯାଇଛି ଯେ ଭଗବାନ ବିଷ୍ଣୁଙ୍କୁ ଆରାଧନା କଲେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳ ମିଳେ। ଲୋକେ ବିଷ୍ଣୁଙ୍କୁ ଧରି ମଧ୍ୟ ଫେରେ ଲକ୍ଷ୍ମୀଙ୍କ ପଛରେ ଗୋଡ଼ାନ୍ତି ଧନ ମିଳିବ ବୋଲି । ଲକ୍ଷ୍ମୀପୂଜା ପୃଥକ୍ ଭାବେ କରନ୍ତି। ବିଦ୍ୟା ମିଳିବ ବୋଲି ସରସ୍ୱତୀଙ୍କୁ ପୁଣି ଧରନ୍ତି। ପୁଣି ଗଣେଶ, କାର୍ତ୍ତିକ, ଶିବ, ଦୁର୍ଗା, ହନୁମାନ, ଶନି, ମଙ୍ଗଳା, ବିମଳା, ତାରିଣୀ, ସନ୍ତୋଷୀ ଓ ଗୋଜବାୟାଣୀ ଆଦି ଅସଂଖ୍ୟଙ୍କ ପଛରେ ଦଉଡ଼ନ୍ତି। ସୋମବାର ଜଣଙ୍କର ପୂଜା, ମଙ୍ଗଳବାର ଆଉ ଜଣଙ୍କର... ଏମିତି। ଆଜି ଏ ବ୍ରତ ତ କାଲି ସେ ବ୍ରତ କରୁଥାନ୍ତି। ଆଜି ଏ ତୀର୍ଥ ତ କାଲି ସେ ତୀର୍ଥ ବୁଲୁଥାନ୍ତି।

**ପ୍ର.କ. —** ସେମାନଙ୍କର ବୋଧହୁଏ ବିଶ୍ୱାସ ନାହିଁ ଯେ ଜଣେ ଭଗବାନ ସବୁ ଦେଇପାରିବେ। କୌଣସି ଗୋଟିଏ ତୀର୍ଥରେ ସ୍ନାନ କଲେ କି ଗୋଟିଏ ପ୍ରକାର ବ୍ରତ କଲେ ଭଗବାନ ମିଳିଯିବେ। ସେଇଥିପାଇଁ ଅନେକ ଭଗବାନଙ୍କୁ ଧରନ୍ତି। ଅନେକ ପ୍ରକାର ତୀର୍ଥ-ବ୍ରତ କରନ୍ତି।

**ସ୍ୱାମୀଜୀ —** ଠିକ୍। 'ବିଶ୍ୱାସେ ମିଳଇ ହରି' ବୋଲି କହୁଥିବା ଲୋକଙ୍କର ହିଁ ଏହି କଥାରେ ବିଶ୍ୱାସ ନଥିବା ଯୋଗୁଁ ସେମାନେ ପ୍ରତିଦିନ ନୂଆ-ନୂଆ ଭଗବାନ ଉଦ୍‌ଭାବନ କରନ୍ତି, ନୂଆ-ନୂଆ ତୀର୍ଥ-ବ୍ରତ ସୃଜନ କରନ୍ତି, ଏଇଠି-ସେଇଠି ଭଗବାନ ମିଳିବେ ବୋଲି ସଂସାର ସାରା ଘୂରି ବୁଲୁଥାନ୍ତି, ଧକ୍‌କା-ତଣ୍ଟିଆ ଖାଉଥାନ୍ତି। ସଂସ୍କୃତରେ କୁହାଯାଇଛି — **'ବାଦେ-ବାଦେ ଜାୟତେ ତତ୍ତ୍ୱବୋଧଃ'**— ବାରମ୍ବାର ବିଚାର-ମନନ-ତର୍କ କରିବା ଦ୍ୱାରା ଆତ୍ମା-ପରମାତ୍ମା ଆଦି ତତ୍ତ୍ୱଗୁଡ଼ିକର ସ୍ୱରୂପର ସ୍ପଷ୍ଟ ଅବଧାରଣା ହୋଇଥାଏ।

ଆମେ ତର୍କ-ବିତର୍କ ବୁଦ୍ଧି ଦ୍ୱାରା କରୁ। ବୁଦ୍ଧି ତ ପରମାତ୍ମା ଦେଇଛନ୍ତି। ବୁଦ୍ଧିର କାମ ହେଲା ପରୀକ୍ଷା-ନିରୀକ୍ଷା କରିବା, ଠିକ୍-ଭୁଲ୍ ନିର୍ଦ୍ଧାରଣ କରିବା। ଆଉ ଆମେ ଯଦି ବିନା ପରୀକ୍ଷାରେ, ତର୍କରେ କିଛି ସ୍ୱୀକାର କଲେ ତେବେ ତାହା ଈଶ୍ୱରଦତ୍ତ ପଦାର୍ଥ 'ବୁଦ୍ଧି'ର ଅବମାନନା ହେଲା ନା ନାହିଁ ?

**ପ୍ର.କ. —** ହଁ, ନିଶ୍ଚିତ ଭାବେ ଅବମାନନା ହେଲା।

**ସ୍ୱାମୀଜୀ —** ଆଚ୍ଛା ! ଯଦି ଭଗବାନଙ୍କ ବିଷୟରେ ତର୍କ କରିବା ଉଚିତ ନୁହେଁ, ତେବେ ଯେତେବେଳେ ଭଗବାନଙ୍କ କଥା ଆଲୋଚନାକୁ ଆସିବ ସେତେବେଳେ ଆପେ ବୁଦ୍ଧିର ସୁଇଚ୍ ବନ୍ଦ ହୋଇଗଲେ ତ ଯାଆନ୍ତା। ଭଗବାନ ତ ତାହା କରିନାହାନ୍ତି। ତେଣୁ ଈଶ୍ୱରଙ୍କ ସେମିତି ଉଦ୍ଦେଶ୍ୟ ଥିବା ଭଳି ଜଣାପଡୁନି ଯେ ଈଶ୍ୱରଙ୍କ ବିଷୟକ କଥା ବିନା ତର୍କରେ ସ୍ୱୀକାର କରିନେବା ଉଚିତ।

**ପ୍ର.କ. —** ବିନା ତର୍କରେ, ବିନା ବୁଦ୍ଧି ପ୍ରୟୋଗରେ

ଯାହା-ତାହା ବିଶ୍ୱାସ କରିବା ଅନ୍ଧବିଶ୍ୱାସ ଅଟେ।

**ସ୍ୱାମୀଜୀ —** ତର୍କ-ପ୍ରମାଣ ପୂର୍ବକ ବିଶ୍ୱାସ କରିବା ଯଥାର୍ଥ ବିଶ୍ୱାସ; ଆଖିବୁଜି ଯାହା-ତାହା ବିଶ୍ୱାସ କରିବା ଅନ୍ଧବିଶ୍ୱାସ ଅଟେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ହରି ପ୍ରାପ୍ତି ପାଇଁ ବହୁ ବୁଦ୍ଧିହୀନ କାମ କରିବା ଦ୍ୱାରା ହରି ମିଳିବା ବଦଳରେ ବହୁ ସରି ହେବା କଥା ଆମେ ଖବର କାଗଜରୁ ପଢ଼ିବାକୁ, ସଂସାରରେ ଶୁଣିବାକୁ-ଦେଖିବାକୁ ପାଉ। ଥରେ ମୁଁ ଖବରକାଗଜରେ ପଢ଼ିଥିଲି ଯେ କୌଣସି ଏକ ଶିବ ମନ୍ଦିରରେ ଶିବଲିଙ୍ଗ ନିକଟରେ ନାଗ ସାପଟିଏ ବାହାରିଲା । ଏହା ଦେଖି ଦଳେ ମୂର୍ଖ ପ୍ରଚାର କରିଦେଲେ ଯେ ଇଏ ସ୍ୱୟଂ ଶିବ ଆବିର୍ଭୂତ ହୋଇଛନ୍ତି। ଆଉ ଜଣେ ବୁଦ୍ଧିହୀନ ବ୍ୟକ୍ତି ଅତି ଭକ୍ତିରେ ସେ ସାପର ନିକଟକୁ ଯିବାରୁ ସେ ଶିବଙ୍କୁ ପାଇବ କ'ଣ ଶିବଙ୍କ ଭୂଷଣ (ସାପ)ର ଦନ୍ତାଘାତରେ ପଞ୍ଚତ୍ୱ ପ୍ରାପ୍ତ ହୋଇଗଲା। ଅତଏବ ସାପକୁ ଶିବ ଜ୍ଞାନ କରି ସିଏ ଯେଉଁ ନିକଟକୁ ଗଲେ, ତଦ୍ଦ୍ୱାରା ତାକୁ ଶିବ ପ୍ରାପ୍ତି ହେଲା ନା ସିଏ ଶବ ହୋଇଗଲା ? ଭଗବାନଙ୍କ ନାମରେ କେଉଁଠି ଶୁଣିବାକୁ ମିଳେ ଯେ ଜିଭ କାଟି ପ୍ରଦାନ କଲେ ଈଶ୍ୱର ପ୍ରାପ୍ତ ହୁଅନ୍ତି, ଶିରା-ପ୍ରଶିରା କାଟି ରକ୍ତ ଦେଲେ ଦେବୀ ପ୍ରତିତୃପ୍ତ ହୋଇ ଦର୍ଶନ ଦିଅନ୍ତି, ଶିଶୁମାନଙ୍କୁ ବଳି ଦେଲେ ଦେବୀ ପ୍ରସନ୍ନ ହୁଅନ୍ତି ଇତ୍ୟାଦି। ଏସବୁ କଥାକୁ ବିଶ୍ୱାସ କରି ବହୁ ଲୋକ ଏପରି କରନ୍ତି ମଧ୍ୟ। ଏମାନଙ୍କୁ ଭଗବାନ କ'ଣ ମିଳିବେ, କିଏ ସାରା ଜୀବନ ପାଇଁ ଜିଭ ହରାଇ ବସେ, ବାକ୍ ଶକ୍ତି ଲୋପ ପାଇଯାଏ। କାହାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଏ। କାହାକୁ ଜେଲ୍-ଫାଶୀ ଆଦି ଦଣ୍ଡ ମିଳେ। ଯଦି ଈଶ୍ୱରଙ୍କ ସମ୍ବନ୍ଧୀୟ ସବୁ କଥା ବିଶ୍ୱାସ କରାଯିବା ଉଚିତ, ତେବେ ଏସବୁକୁ ବିଶ୍ୱାସ କରି ଏଭଳି କାମ କରୁଥିବା ଲୋକଙ୍କର ଏଭଳି ଦୁର୍ଗତି କାହିଁକି ହେଉଛି ?

**ପ୍ର.କ. —** ଯଦି 'ବିଶ୍ୱାସେ ମିଳଇ ହରି, ତର୍କେ ବହୁ ଦୂର' ଠିକ୍ ନୁହେଁ, ତେବେ ଈଶ୍ୱର-ପ୍ରାପ୍ତିର ଉପାୟ ପୁଣି କ'ଣ ?

**ସ୍ୱାମୀଜୀ —** ଈଶ୍ୱର ପ୍ରାପ୍ତିର ପ୍ରଥମ ଆବଶ୍ୟକତା ହେଲା ଶୁଦ୍ଧ ଜ୍ଞାନ। ଭଗବାନଙ୍କୁ ପାଇବାକୁ ହେଲେ ପ୍ରଥମେ ଆମକୁ ଭଗବାନଙ୍କୁ ଠିକ୍ ରୂପେ ଜାଣିବାକୁ ପଡ଼ିବ, ଈଶ୍ୱର ବିଷୟକ ଶୁଦ୍ଧ ଜ୍ଞାନ ଆହରଣ କରିବାକୁ ହେବ। ଈଶ୍ୱର ବିଷୟକ ଶୁଦ୍ଧ ଜ୍ଞାନ ଆହରଣ ପାଇଁ ନିୟମିତ ରୂପେ ପ୍ରତ୍ୟହ ବେଦ ତଥା ବେଦାନୁକୂଳ ଆର୍ଷ ସାହିତ୍ୟ ଅର୍ଥାତ୍ ଦର୍ଶନ, ଉପନିଷଦ, ସତ୍ୟାର୍ଥପ୍ରକାଶ ଆଦି ଆର୍ଷ ସାହିତ୍ୟ କିଛି-କିଛି ପଢ଼ିବାକୁ ହେବ। ଏସବୁ ପଢ଼ିଲେ ଈଶ୍ୱରଙ୍କ ବିଷୟରେ ଯଥାର୍ଥ ଜ୍ଞାନ ହେବା ଦ୍ୱାରା ଈଶ୍ୱରଙ୍କ ପ୍ରତି ପ୍ରୀତି ଜନ୍ମିବ, ଶ୍ରଦ୍ଧା-ଭକ୍ତି ବଢ଼ିବ। କାରଣ କୌଣସି ବ୍ୟକ୍ତିର ଭଲ ଗୁଣ ଜାଣିଲେ ସ୍ୱାଭାବିକ ରୂପେ ତା' ପ୍ରତି ଶ୍ରଦ୍ଧା ବଢ଼େ। ଯେମିତିକି ଯେଉଁମାନେ କୌଣସି ଖେଳ ନିୟମିତ ଦେଖନ୍ତି, ସେ ଖେଳକୁ ଭଲ ରୂପେ ଖେଳୁଥିବା ଖେଳାଳିଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ବଢ଼େ। ଆମେ ଯେତେବେଳେ କୌଣସି ମହାପୁରୁଷଙ୍କ ଜୀବନୀ ପଢ଼ୁ, ତାଙ୍କ ଜୀବନରେ କେତେ ଘାତ-ପ୍ରତିଘାତ ସହ୍ୟ କରି ସେ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିଲେ, ବହୁ ତ୍ୟାଗ ସ୍ୱୀକାର କରିଛନ୍ତି ବୋଲି ଜାଣୁ ତାଙ୍କୁ ନ ଦେଖିଥିଲେ ବି ତାଙ୍କ ପ୍ରତି ଆମର ଶ୍ରଦ୍ଧା ଉତ୍ପନ୍ନ ହୋଇଯାଏ।

ସେହିପରି ଭଗବାନ ଆମକୁ କେଉଁ-କେଉଁ ଭାବରେ ରକ୍ଷା କରୁଛନ୍ତି, ଆମ ପାଇଁ କେତେ ପ୍ରକାର ବ୍ୟବସ୍ଥା କରିଛନ୍ତି, ଆମ ପାଇଁ ସତତ କାର୍ଯ୍ୟରତ ଅଛନ୍ତି – ଏକଥା ଚିନ୍ତନ କଲେ ଭଗବାନଙ୍କ ପ୍ରତି ଭକ୍ତି ଜାଗ୍ରତ ହୁଏ। ଆମେ ଦିନ ସାରା କାମ କରି-କରି ଥକିଗଲେ, ଦେହ-ହାତ ଅବଶ ହୋଇଗଲା, ଆଉ କାମ କରିବାର ସ୍ପୃହା ନାହିଁ କି ଶକ୍ତି ନାହିଁ। ଆମେ ଖାଦ୍ୟ ଖାଇ ଶୋଇ ପଡୁଛେ। ସକାଳୁ ଉଠିଲା ବେଳକୁ ଆରାମ ଲାଗୁଛି, ସତେଜ ଲାଗୁଛି, ଶରୀରରେ ନୂତନ ଶକ୍ତି ସଞ୍ଚରିତ ହୋଇଥିବା ଅନୁଭବ କରୁଛେ। ରାତି ସାରା ଆମ ଶରୀରରେ ଶକ୍ତି Charging କଲା କିଏ ? ବ୍ୟାଟେରୀକୁ ଯେପରି Recharge କରାଯାଏ ଆମେ ତ ସେପରି ଶରୀରରେ Charger ଲଗାଇ ଶୋଇନଥିଲେ। ଆମେ ଖାଦ୍ୟ ଖାଇଲେ। ଖାଦ୍ୟ ଶକ୍ତିରେ ରୂପାନ୍ତରିତ ହେଲା। କେତେକ କହନ୍ତି ଯେ ଶରୀରର ପରିପାକ-ବ୍ୟବସ୍ଥା ଦ୍ୱାରା ଖାଦ୍ୟ ଶକ୍ତିରେ ରୂପାନ୍ତରିତ ହେଲା। ବର୍ତ୍ତମାନ ପ୍ରଶ୍ନ ହେଲା

ଯେ ଏ ଯେଉଁ ବ୍ୟବସ୍ଥା, ସେ ବ୍ୟବସ୍ଥାରେ ଆମାଶୟ, କ୍ଷୁଦ୍ରାନ୍ତ ଆଦି ଯେଉଁ ଯନ୍ତ୍ରଗୁଡ଼ିକ କାର୍ଯ୍ୟକରୁଛି ସେ ଯନ୍ତ୍ର ନିର୍ମାଣ କରିଛି କିଏ ଓ ରାତିସାରା ତାକୁ ସଞ୍ଚାଳନ (Operate) କରୁଛି କିଏ ? ଏହି ସଞ୍ଚାଳନ ପାଇଁ ତ ଆମକୁ ବିଜୁଳି ଶକ୍ତି ଆଦି ଦେବାକୁ ପଡୁନି, ବିଲ୍‌ର ଦେୟ ଭରିବାକୁ ପଡୁନି। ଏସବୁ ପରମାତ୍ମାଙ୍କର ବ୍ୟବସ୍ଥା। ଈଶ୍ୱର ଆମକୁ ପ୍ରତିଦିନ ନୂଆ ଶକ୍ତିରେ ଭରି ସଂସାରକୁ ଛାଡୁଛନ୍ତି। ଏ ବିରାଟ ସଂସାରରେ ଯେଉଁଠି ବି ଈଶ୍ୱରୀୟ କୃତିକୁ ଦେଖିବା ଆମକୁ ଏହା ପଛରେ ଥିବା ସ୍ରଷ୍ଟାଙ୍କ ପରୋପକାର ଉଦ୍ଦେଶ୍ୟ ଜଣାଯିବ। ବେଦରେ କୁହାଯାଇଛି —

**ବିଷ୍ଣୋଃ କର୍ମାଣି ପଶ୍ୟତ ଯତୋ ବ୍ରତାନି ପସ୍ପଶେ।**
**ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା ॥** (ଋକ୍. ୧:୨୨:୧୯)

ପରମାତ୍ମା ଆମକୁ ଉପଦେଶ ଦେଉଛନ୍ତି — 'ହେ ମନୁଷ୍ୟ ! ସର୍ବବ୍ୟାପକ, ଶୁଦ୍ଧସ୍ୱରୂପ, ଅନନ୍ତ ସାମର୍ଥ୍ୟବାନ୍ ପରମେଶ୍ୱର 'ବିଷ୍ଣୁ'ଙ୍କ ଜଗତର ଉତ୍ପତ୍ତି, ପାଳନ, ପ୍ରଳୟ, ଜୀବମାନଙ୍କୁ ନ୍ୟାୟପୂର୍ଣ୍ଣ କର୍ମଫଳ ପ୍ରଦାନ, ନିରନ୍ତର କର୍ମ କରିବା ଆଦି କାର୍ଯ୍ୟକୁ ଉତ୍ତମ ରୂପେ ନିରୀକ୍ଷଣ କର। ତାଙ୍କଠାରୁ ଜୀବ ସତ୍ୟ-ନ୍ୟାୟାଚରଣ ଆଦି ଉତ୍ତମ କର୍ମ କରିବାର ପ୍ରେରଣା, ବ୍ରତ ପ୍ରାପ୍ତ କରିଥାଏ। ସେହି ପରମାତ୍ମା ହିଁ ଜୀବାତ୍ମାର ସାର୍ବତ୍ରିକ, ସାର୍ବକାଳିକ, ସର୍ବସୁଖ-ସମ୍ପାଦକ ସଖା ଅଟନ୍ତି।'

**'ସ୍ପଶ ବାଧନସ୍ପର୍ଶୟୋଃ'** ଧାତୁରୁ **'ପସ୍ପଶେ'** ଶବ୍ଦ ନିର୍ମିତ। 'ପସ୍ପଶେ'ର ଅର୍ଥ ହେଲା ସ୍ପଷ୍ଟ ହୋଇଥାଏ, ପ୍ରକଟ ହୋଇଥାଏ। ସଂସାରରେ ପରମପିତା ପରମାତ୍ମାଙ୍କ ବ୍ୟାପକ କର୍ମକୁ ଯେତେ-ଯେତେ ଆମେ ଅନୁଧ୍ୟାନ କରିବା, ଭଗବାନ କେମିତି-କେମିତି ଆମକୁ ସହାୟତା କରୁଛନ୍ତି ସେ କଥା ଜାଣିପାରିବା। ବିଜୁଳି ବ୍ୟବହାର ପାଇଁ ଆମେ ତଦନୁସାରେ ଦେୟ ଦେଉଛେ; କିନ୍ତୁ ସୂର୍ଯ୍ୟାଲୋକ ପାଇଁ ତ ଆମେ କିଛି ଦେୟ ଦେଉନାହିଁ। ରୋଷେଇ ଗ୍ୟାସ୍ ପାଇଁ ଅର୍ଥ ଦେଉଛେ; କିନ୍ତୁ ଆମ ଚାରିପଟେ ପରମାତ୍ମା ଭରିଥିବା ବାୟୁମଣ୍ଡଳ, ନିରନ୍ତର ଅମ୍ଳଜାନର ଉତ୍ପାଦନ ବ୍ୟବସ୍ଥା ପାଇଁ ଈଶ୍ୱରଙ୍କୁ ତ କିଛି ଦେବାକୁ ଆମକୁ ପଡୁନାହିଁ। ଆମ ଶରୀରରୁ ବାହାରୁଥିବା ମଳକୁ ଖାଇ ପରିବେଶକୁ ସୁରକ୍ଷିତ ରଖୁଥିବା ବହୁ ପ୍ରାଣୀଙ୍କୁ ବି ପରମାତ୍ମା ତିଆରି କରିଛନ୍ତି। ଆମେ ଏସବୁ ବ୍ୟବସ୍ଥା ଉପରେ ଯେତେ ମନନ-ଚିନ୍ତନ କରିବା ଈଶ୍ୱରଙ୍କ ପ୍ରତି ଆମର ବିଶ୍ୱାସ, ଶ୍ରଦ୍ଧା, ଭକ୍ତି, ପ୍ରେମ ସେତେ ବଢ଼ିବ। ଅତଃ ଯଥାର୍ଥ ଜ୍ଞାନ ଦ୍ୱାରା ହିଁ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ବଢ଼େ।

ଈଶ୍ୱର-ପ୍ରାପ୍ତିର ଦ୍ୱିତୀୟ ଆବଶ୍ୟକତା ହେଲା ଶୁଦ୍ଧ କର୍ମ। ପରମାତ୍ମା ଆମକୁ ଯେତେ ସାଧନ ଦେଇଛନ୍ତି କର୍ମ କରିବା ପାଇଁ ସେସବୁଗୁଡ଼ିକ ଦ୍ୱାରା ସର୍ବଦା ଶୁଦ୍ଧ କର୍ମ କରିବା। ମନରୁ ଈର୍ଷା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମଦ, ମୋହ ଦୂରେଇ ସର୍ବଦା ମନରେ ସମସ୍ତଙ୍କ କଲ୍ୟାଣ କାମନା କରିବା, ଈଶ୍ୱରଙ୍କ ଅସ୍ତିତ୍ୱକୁ ସଦା ବିଚାରରେ ରଖିବା, ସମସ୍ତଙ୍କୁ ଭଲ ପାଇବା। ବାଣୀ ଦ୍ୱାରା ଅନ୍ୟର ନିନ୍ଦା, ଚୁଗୁଲି, କୁତ୍ସାରଟନା ଆଦିରୁ ଦୂରେଇ ରହିବା। ଅନ୍ୟକୁ କେବେ ଭୁଲ୍ ରାସ୍ତା ଦେଖାଇବାନି, କୁମନ୍ତ୍ରଣା ଦେବାନାହିଁ, ଅନ୍ୟର ଘର ଭାଙ୍ଗିବାନି, ଅନ୍ୟକୁ ଅଯଥା ଅପମାନିତ କରିବା ନାହିଁ, ଅନ୍ୟର ଯୋଗ୍ୟତା-ସାମର୍ଥ୍ୟ-ଗୁଣ ଆଦିକୁ ନେଇ ଅନାବଶ୍ୟକ ବ୍ୟଙ୍ଗ-ବିଦ୍ରୂପ କରିବା ନାହିଁ। ବାଣୀ ଦ୍ୱାରା ସତ୍ୟ, ମଧୁର, ହିତକର, ଶାସ୍ତ୍ରାନୁକୁଳ, ପରିମିତ କଥା କହିବା। ଅନ୍ୟକୁ ସାନ୍ତ୍ୱନା, ଧୈର୍ଯ୍ୟ ଦେବା, ଭଲ କାମ ପାଇଁ ପ୍ରେରଣା-ଉତ୍ସାହ ଦେବା। ଶରୀର ଦ୍ୱାରା ହିଂସା, ଚୋରି, କଳାବଜାରୀ, ଲୁଣ୍ଠନ, ଶୋଷଣ, ବ୍ୟଭିଚାର, ଅତ୍ୟାଚାର, ଅନାଚାର ଆଦିରୁ ଦୂରେଇ ରହି ସେବା, ପରୋପକାର, ଦାନ, ସଦାଚାର ଆଦି କରିବା।

ଈଶ୍ୱର-ପ୍ରାପ୍ତିର ତୃତୀୟ ଆବଶ୍ୟକତା ହେଲା ଶୁଦ୍ଧ ଉପାସନା। ଈଶ୍ୱର ପ୍ରାପ୍ତି ପାଇଁ ଜ୍ଞାନ-କର୍ମ ସାଙ୍ଗକୁ ଧ୍ୟାନ, ଜପ ଆଦି ମଧ୍ୟ କରିବାକୁ ହେବ। ଭୁଲ୍ ଉପାସନା ପଦ୍ଧତି ଦ୍ୱାରା ଈଶ୍ୱର-ପ୍ରାପ୍ତି ହୋଇପାରିବ ନାହିଁ। କିଛି ଲୋକ ଯଥାର୍ଥ ପଦ୍ଧତିରେ ଈଶ୍ୱର ଉପାସନା କରି ଅଳ୍ପ କିଛି ଦିନ ଭିତରେ ଏଥିରେ ସଫଳକାମ ହୋଇଯିବାର ଆଶା ପୋଷଣ କରନ୍ତି। ତା'ର ଏକ କାରଣ ମଧ୍ୟ ଆଜିକାଲି ଧର୍ମ ନାମରେ ହେଉଥିବା ଅଧାର୍ମିକ, ଶସ୍ତା ବିଜ୍ଞାପନର ଭେଳିକି — ୭

ଦିନରେ କେବଳ ଶ୍ରବଣ ଦ୍ୱାରା ଆତ୍ମ-ସାକ୍ଷାତ୍କାର, ଅମୁକ ମନ୍ତ୍ର-କ୍ରିୟା ଦ୍ୱାରା ଏତିକି ଅଳ୍ପ ସମୟ ମଧ୍ୟରେ ଈଶ୍ୱର ଉପଲବ୍ଧି... ଇତ୍ୟାଦି। ଏଥିରେ ବିଶ୍ୱାସ କରି କିଛି ଲୋକ କିଛି-କିଛି ସାଧନା କରନ୍ତି ଏବଂ ଅଳ୍ପ ଦିନରେ ସିଦ୍ଧିଲାଭ ହେଉନଥିବାରୁ ନିରାଶ ହୋଇ ଛାଡ଼ିଦିଅନ୍ତି। କିନ୍ତୁ ଶାସ୍ତ୍ରରେ କୁହାଯାଇଛି —

**ସ ତୁ ଦୀର୍ଘକାଲନୈରନ୍ତର୍ଯ୍ୟ ସତ୍କାରାସେବିତ ଦୃଢ଼ଭୂମିଃ।** (ଯୋଗ. ୧:୧୪)

ଦୀର୍ଘକାଳ ପର୍ଯ୍ୟନ୍ତ ନିରନ୍ତର ତପସ୍ୟା-ସଂଯମ-ବିଦ୍ୟା ଓ ଶ୍ରଦ୍ଧାପୂର୍ବକ ଅଭ୍ୟାସ କଲେ ଯାଇ ପରିପକ୍ୱ ସ୍ଥିତି ଲାଭ ହୁଏ। କୌଣସି କାର୍ଯ୍ୟରେ ସଫଳ ହେବାକୁ ହେଲେ ତା' ପାଇଁ ସେତିକି ଶ୍ରମ, ପୁରୁଷାର୍ଥ ଆବଶ୍ୟକ। ୪-୬-୮ ଦିନ ପଢ଼ି ଜଣେ ସାଧାରଣ ବିଦ୍ୟାର୍ଥୀ କଠିନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇପାରିବ ନାହିଁ, ଶତକଡ଼ା ୯୮-୯୯ ଆଦି ଭଳି ମାର୍କ ରଖିପାରିବ ନାହିଁ। ଏଥିପାଇଁ ସେ ବିଦ୍ୟାର୍ଥୀକୁ ଯେମିତି ବର୍ଷସାରା ନିରବଚ୍ଛିନ୍ନ ରୂପେ ମନୋଯୋଗ ପୂର୍ବକ, ଶ୍ରଦ୍ଧାପୂର୍ବକ ଅଧ୍ୟୟନ କରିବା ଆବଶ୍ୟକ, ପୁସ୍ତକକୁ ଆମୂଳଚୂଳ ବୁଝିବା ଦରକାର, ପରୀକ୍ଷାରେ ସବୁ ପ୍ରଶ୍ନର ଉଚିତ ଉତ୍ତର ଲେଖିବା ଆବଶ୍ୟକ । ସେହିପରି ଈଶ୍ୱର-ପ୍ରାପ୍ତିର ଅଭିଳାଷୀ ବ୍ୟକ୍ତିକୁ ସାରା ଜୀବନ ତପ-ସ୍ୱାଧ୍ୟାୟ-ଈଶ୍ୱରୋପାସନା ଶ୍ରଦ୍ଧାପୂର୍ବକ କରିବାକୁ ପଡ଼ିଥାଏ। ଯେମିତି ବୈଜ୍ଞାନିକ ହେବାକୁ ହେଲେ ଗବେଷଣାରେ ନିରବଚ୍ଛିନ୍ନ ପ୍ରଚେଷ୍ଟା ଦରକାର, ଉତ୍କୃଷ୍ଟ ସାହିତ୍ୟିକ ହେବା ପାଇଁ ନିରବଚ୍ଛିନ୍ନ ସାରସ୍ୱତ ସାଧନା ଆବଶ୍ୟକ, ଭଲ ଖେଳାଳି ହେବା ପାଇଁ ଦୀର୍ଘକାଳ ଶ୍ରଦ୍ଧାପୂର୍ବକ ତପସ୍ୟା-ପ୍ରଚେଷ୍ଟା ଦରକାର, ସେହିଭଳି ଈଶ୍ୱର ଅତି ସୂକ୍ଷ୍ମ ତତ୍ତ୍ୱ ହୋଇଥିବାରୁ ତଥା ଅନ୍ୟପକ୍ଷରେ ଯେଉଁ ମନ ଦ୍ୱାରା ଆମେ ଈଶ୍ୱର ଉପଲବ୍ଧି କରିବା ସେଥିରେ ଅନାଦି କାଳର ବିଷୟ-ବାସନାର ସଂସ୍କାର ଭରି ରହିଥିବାରୁ ଧ୍ୟାନ-ଜପ-ସାଧନା ଜ୍ଞାନପୂର୍ବକ ଦୀର୍ଘକାଳ ନିରନ୍ତର କଲେ ଯାଇ ସଫଳତା ମିଳିବ। କେବଳ ଯାହା-ତାହା ବିଶ୍ୱାସ କରିବା ଦ୍ୱାରା ନୁହେଁ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

**୩୨ ପୃଷ୍ଠାର ଅବଶିଷ୍ଟାଂଶ...**

| | | | |
|---|---|---|---|
| ଶ୍ରୀମାନ୍ ଦୁର୍ଯ୍ୟୋଧନ କାଠୁଆ | ଖୋର୍ଦ୍ଧା | ୦୧ | ୦୫ |
| ଶ୍ରୀମାନ୍ ସଞ୍ଜୟ କୁମାର ପାତ୍ର | ଗଞ୍ଜାମ | ୦୧ | ୦୫ |
| ଶ୍ରୀମତୀ ଆଶାଲତା ଦାସ | ସୁନ୍ଦରଗଡ଼ | ୦୧ | ୦୪ |
| ଶ୍ରୀମତୀ ସବିତା ସାହୁ | ସମ୍ବଲପୁର | ୦୧ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ନାୟକ | କଟକ | ୦୧ | ୦୩ |
| ଶ୍ରୀମାନ୍ ପଦ୍ମଲୋଚନ ତାଣ୍ଡି | ବଲାଙ୍ଗିର | ୦୧ | ୦୨ |
| ଶ୍ରୀମାନ୍ କାର୍ତ୍ତିକ ମେହେର | ସୁବର୍ଣ୍ଣପୁର | ୦୧ | ୦୨ |
| ଶ୍ରୀମାନ୍ ବାସୁଦେବ ମହାପାତ୍ର | କୋରାପୁଟ | ୦୧ | ୦୨ |
| ଶ୍ରୀମତୀ ପ୍ରଣତି ଗରିଆ | ସୁବର୍ଣ୍ଣପୁର | ୦୧ | ୦୦ |
| ଶ୍ରୀମତୀ ମଞ୍ଜୁଲ୍ତା ପଟ୍ଟନାୟକ | ଖୋର୍ଦ୍ଧା | ୦୦ | ୧୩ |
| ଡ. ଶରତ ଚନ୍ଦ୍ର ଦାସ | ସୁନ୍ଦରଗଡ଼ | ୦୦ | ୧୨ |
| ଶ୍ରୀମତୀ ଗୀତାଞ୍ଜଳି ଭୋଇ | ବରଗଡ଼ | ୦୦ | ୧୧ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୦ | ୧୧ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଢ଼ୀ | କନ୍ଧମାଳ | ୦୦ | ୧୦ |
| ଶ୍ରୀମାନ୍ ସଂଜୟ କୁମାର ମଣ୍ଡଳ | ଖୋର୍ଦ୍ଧା | ୦୦ | ୧୦ |

**କ୍ରମଶଃ...**

**ସିଦ୍ଧାନ୍ତ ଚର୍ଚ୍ଚା :**

# ଈଶ୍ୱର

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

**ଈଶା ବାସ୍ୟମିଦଂ ସର୍ବଂ ୟତ୍‌କିଞ୍ଚ ଜଗତ୍ୟାଂ ଜଗତ୍।**

(ୟଜୁଃ. ୪୦:୧)

ଏହି ଜଗତୀ ଅର୍ଥାତ୍ ସଂସାରରେ ଯେଉଁ ସବୁ ଜଗତ୍ ଅର୍ଥାତ୍ କ୍ରିୟାଶୀଳ ବା ଗତିଶୀଳ ପଦାର୍ଥ ଅଛନ୍ତି, ସେ ସବୁ ଏକ ଅଧିଷ୍ଠାତୃ-ଶକ୍ତି ଦ୍ୱାରା ଓତ-ପ୍ରୋତ, ଯାହାଙ୍କୁ ଈଶ ବା ଈଶ୍ୱର ବୋଲି କୁହାଯାଏ ।

**ୟଃ ପ୍ରାଣତୋ ନିମିଷତୋ ମହିତ୍ୱୈକ ଇଦ୍ରାଜା ଜଗତୋ ବଭୂବ । ୟ ଈଶେ ଅସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ କସ୍ମୈ ଦେବାୟ ହବିଷା ବିଧେମ ॥**

(ଋକ୍. ୧୦:୧୨୧:୩)

ଯିଏ ନିଜର ଅନନ୍ତ ମହିମା ବଳରେ ପ୍ରାଣଧାରୀ ଜୀବ ଓ ପ୍ରାଣହୀନ ଜଡ଼ ଜଗତର ପ୍ରକାଶକ ବା ସ୍ୱାମୀ ଅଟନ୍ତି, ଯିଏ ସମସ୍ତ ଦ୍ୱିପଦ ତଥା ଚତୁଷ୍ପଦ ପ୍ରାଣୀମାନଙ୍କୁ ନିଜର ଅଧୀନରେ ରଖନ୍ତି, ସେହି ସୁଖସ୍ୱରୂପ ପରମେଶ୍ୱରଙ୍କୁ ଆମେ ଶ୍ରଦ୍ଧା ଓ ବିଶେଷ ଭକ୍ତି ଭାବରେ ଉପାସନା କରୁଁ ।

## ପଦାର୍ଥ ଦୁଇ ପ୍ରକାର

ସଂସାରରେ ଦୁଇ ପ୍ରକାର ପଦାର୍ଥ ମିଳିଥାଏ — ଚେତନ ଓ ଜଡ଼ ବା ଚର ଓ ଅଚର। ଜଡ଼ ଓ ଅଚର ତାକୁ କୁହାଯାଏ, ଯାହା ଗତିଶୂନ୍ୟ; ଯଥା— ମେଜ ଓ ଚୌକି ଆଦି । ଚେତନ ବା ଚର ତାକୁ କୁହାଯାଏ, ଯାହା ଗତିବାନ୍ ବା ଗତି-ପ୍ରେରକ । ଚର ବା ଚେତନ ନିଜର ଗତିକୁ ଜଡ଼ ବା ଅଚର ପଦାର୍ଥକୁ ଧାର ଦିଅନ୍ତି । ଏହାଦ୍ୱାରା ଜଡ଼ ପଦାର୍ଥ ବି ଚେତନ ପଦାର୍ଥ ପରି ଗତିଶୀଳ ହୋଇଥାଏ । ଉଦାହରଣ ସ୍ୱରୂପ — କଲମ ଏକ ଜଡ଼ ପଦାର୍ଥ । ଏହା ନିଜେ ଚାଲି ପାରେ ନାହିଁ ; କିନ୍ତୁ ଯେତେବେଳେ ମୋ ହାତକୁ ଆସେ, ସେତେବେଳେ ମୋର ଗତିକୁ ପ୍ରାପ୍ତ କରି ଚାଲିଥାଏ । ଧାର ନେଇଥିବା ବସ୍ତୁ ନିଜର ହୁଏନାହିଁ । କଲମ ସେତେବେଳ ପର୍ଯ୍ୟନ୍ତ ଚାଲିଥାଏ, ଯେତେବେଳ ପର୍ଯ୍ୟନ୍ତ ମୁଁ ତାହାଠାରେ ଗତି ସଞ୍ଚାର କରୁଥାଏ । ମୁଁ କଲମକୁ ଗତି ଦେଲି, କେବଳ ସେତିକି ନୁହେଁ, ଏହି ପୃଷ୍ଠାରେ ମୁଁ ଯାହାକିଛି ଲେଖିଲି ତାହା ବସ୍ତୁତଃ କଲମର ଲେଖା । ଶବ୍ଦ, ବାକ୍ୟ ଓ ସେଥିରେ ଓତଃପ୍ରୋତ ଜ୍ଞାନ, ଏସବୁ କଲମରୁ ଆବିର୍ଭୂତ ହୋଇଛି । ବର୍ତ୍ତମାନ ଯଦି କେହି କଲମକୁ ପ୍ରଶ୍ନ କରେ ଯେ —'କ'ଣ ତୁମକୁ ହିନ୍ଦୀ ଭାଷା ଆସେ ? କ'ଣ ତୁମେ ଇଂରାଜୀ ଆଦି ଅନ୍ୟାନ୍ୟ ଭାଷା ବି ଜାଣ?' କଲମ କ'ଣ ଉତ୍ତର ଦେବ ? କିଛି ବି ନାହିଁ। କାହିଁକି ? ଏଥିପାଇଁ ଯେ କଲମ ଜ୍ଞାନଶୂନ୍ୟ, ଗତିଶୂନ୍ୟ, ଅଚେତନ ଜଡ଼ ବସ୍ତୁ। ସେ ଏହା ବି ଜାଣେନାହିଁ ଯେ ତାକୁ କେହି କିଛି ପଚାରୁଛି । ଯେଉଁ କଲମ ମୋ ହାତରେ ରହି ହିନ୍ଦୀ ଲେଖୁଛି, ତାହା କୌଣସି ଜର୍ମାନ୍ ବିଦ୍ୱାନଙ୍କ ହାତରେ ଜର୍ମାନ୍ ଭାଷା ଲେଖିପାରେ। ଯେଉଁ କଲମ ମୋ ହାତରେ ରହି ଈଶ୍ୱରଙ୍କ ବିଷୟ ପ୍ରତିପାଦନ କରୁଛି, ତାହା କୌଣସି ଗଣିତଜ୍ଞଙ୍କ ହାତରେ ଗଣିତର କଠିନରୁ କଠିନ ପ୍ରଶ୍ନର ସମାଧାନ କରିଥାଏ । କଲମ ସମସ୍ତ ଭାଷା ଓ ସମସ୍ତ ପ୍ରକାରର ବିଦ୍ୟାର ପ୍ରକାଶକ ।

## ଏସବୁ ଚେତନର ଖେଳ

କିନ୍ତୁ ଏହି ସବୁ ସେହି ଚେତନର ଚେତନାର ଖେଳ, ଯିଏ ଭାଷା ଏବଂ ଭାବର ଭଣ୍ଡାର। ସେହି ଚେତନ ଶକ୍ତି କ'ଣ ? ଆପଣ ତାକୁ ଦେଖିପାରିବେ ନାହିଁ । ତାହା କଳା ନୁହେଁ କି ଗୋରା ନୁହେଁ, ମୋଟା ନୁହେଁ କି ପତଳା ନୁହେଁ,

ଲମ୍ବା କି ଚଉଡ଼ା ବି ନୁହେଁ । ତଥାପି ଅଛି। ତାହା ଏକ ବସ୍ତୁ। ସେ ବସ୍ତୁର ଗୁଣ କ'ଣ ? ତା'ର ଲକ୍ଷଣ କ'ଣ? ଆମେ ତାକୁ କିପରି ଚିହ୍ନିପାରିବା ? ତାକୁ ଚକ୍ଷୁରେ ଦେଖି ହୁଏ ନାହିଁ, କର୍ଣ୍ଣରେ ଶୁଣିହୁଏ ନାହିଁ, ନାସିକାରେ ଆଘ୍ରାଣ କରିହୁଏ ନାହିଁ, ତ୍ୱଚାରେ ସ୍ପର୍ଶ କରିହୁଏ ନାହିଁ କି ଜିହ୍ୱାରେ ଚାଖିହୁଏ ନାହିଁ । ତଥାପି ତାହା ରହିଛି । ଆମକୁ ତାହା ପ୍ରତୀତ ହେଉଛି । ଆମେ ତାହାକୁ ଅସ୍ୱୀକାର କରିପାରିବା ନାହିଁ । କାହିଁକି ? ତାହା ସ୍ୱୟଂ ସିଦ୍ଧ। ଆପଣ ସଂସାରର ସମସ୍ତ ପଦାର୍ଥକୁ ଅସ୍ୱୀକାର କରିପାରନ୍ତି ; କିନ୍ତୁ ନିଜର ଅସ୍ତିତ୍ୱକୁ ଅସ୍ୱୀକାର କରିବା ଅସମ୍ଭବ । କିଏ କହିବ ଯେ — 'ମୁଁ ନାହିଁ' ? ଏଣୁ କପିଳ ମୁନି ସାଂଖ୍ୟଦର୍ଶନରେ କହିଛନ୍ତି —

**ଦେହାଦିବ୍ୟତିରିକ୍ତୋଽସୌ ବୈଚିତ୍ର୍ୟାତ୍ ।**
**ଷଷ୍ଠୀବ୍ୟପଦେଶାଦପି ।**

(ସାଂଖ୍ୟ. ୬:୨,୩)

ଚେତନ ସତ୍ତା ବିଚିତ୍ର ଅଟେ । ଏହା ଶରୀର ଠାରୁ ଭିନ୍ନ, କିନ୍ତୁ ଶରୀରର ପ୍ରତ୍ୟେକ ଅଙ୍ଗକୁ ଚେତନ କରିଥାଏ । ଚକ୍ଷୁକୁ ଦ୍ରଷ୍ଟା ଏବଂ କର୍ଣ୍ଣକୁ ଶ୍ରୋତା କରିବା ଏହାର ହିଁ କାର୍ଯ୍ୟ । ଏହା ଚକ୍ଷୁ ନୁହେଁ କି କର୍ଣ୍ଣ ବି ନୁହେଁ, କିନ୍ତୁ ଚକ୍ଷୁକୁ ପ୍ରେରିତ କରି ଚକ୍ଷୁ ହୋଇଯାଏ ଏବଂ କର୍ଣ୍ଣକୁ ପ୍ରେରିତ କରି କର୍ଣ୍ଣ ହୋଇଯାଏ। ମୁଁ ଦେଖେ, ଏହା ମୋର ଚକ୍ଷୁ। ମୁଁ ଶ୍ରବଣ କରୁଛି, ଏହା ମୋର କର୍ଣ୍ଣ ।

ମୋର ଆଖି ଅଛି, କିନ୍ତୁ ମୁଁ ଆପଣଙ୍କୁ ଦେଖିନାହିଁ । ମୋର ଧ୍ୟାନ ଅନ୍ୟ ଆଡ଼କୁ ଥିଲା । ମୋର କାନ ଅଛି, କିନ୍ତୁ ମୁଁ ଆପଣଙ୍କ କଥା ଶୁଣି ନାହିଁ । ମୋର ମନ ଅନ୍ୟ ବିଷୟରେ ଲାଗିଥିଲା । ଏହି ଭଳି କଥା ଆପଣ ପ୍ରତିଦିନ କହିଥାନ୍ତି । ଏସବୁ କଥନ ସାର୍ଥକ, ନିରର୍ଥକ ନୁହେଁ। କାହିଁକି ? ଏଇଥି ପାଇଁ ଯେ ଆପଣ ସେହି ବିଚିତ୍ର ସତ୍ତା ଅଟନ୍ତି । ଆପଣ ଅନୁଭବ କରନ୍ତି ଯେ ମୁଁ ଅଛି ଏବଂ ମୋର ଅନ୍ୟ ପଦାର୍ଥ ସହ ସମ୍ବନ୍ଧ ଅଛି । ଅର୍ଥାତ୍ ଆପଣ ଚେତନ ଅଟନ୍ତି ଏବଂ ଜଡ଼ ପଦାର୍ଥଠାରେ ଗତିର ପ୍ରେରଣା କରିପାରନ୍ତି । ଜଡ଼ ଓ ଚେତନ ମଧ୍ୟରେ ଏହା ହିଁ ପାର୍ଥକ୍ୟ । ଆପଣ ନିଜର ପ୍ରଗତି ବିଷୟରେ ଯେତେ ବିଚାର କରିବେ, ଆପଣଙ୍କୁ ନିଜ ସତ୍ତା ବିଷୟରେ ସେତେ ଅନୁଭବ ହେବ ।

## ଜଡ଼ ପଦାର୍ଥ ଚେତନ ସତ୍ତାର ପରିଚୟ ଦେଇଥାଏ

ଏହାଦ୍ୱାରା ନିଜ ବିଷୟରେ ଗୋଟିଏ କଥା ମୁଖ୍ୟ ରୂପେ ସ୍ପଷ୍ଟ ହୋଇଯାଏ ଯେ ନିଜର ଇନ୍ଦ୍ରିୟମାନଙ୍କ ଦ୍ୱାରା ସଂସାରର ସମସ୍ତ ପଦାର୍ଥର ଜ୍ଞାନ ପ୍ରାପ୍ତ ହୁଏ ନାହିଁ। କେତେକ ଇନ୍ଦ୍ରିୟ ଅଗୋଚର ପଦାର୍ଥ ମଧ୍ୟ ରହିଛନ୍ତି — ଅଦୃଷ୍ଟ ଓ ଅଦ୍ରଷ୍ଟବ୍ୟ, ଅଶ୍ରୁତ ଓ ଅଶ୍ରୋତବ୍ୟ। ତଥାପି ଅଛନ୍ତି, ଆପଣ ଏମାନଙ୍କୁ ଅସ୍ୱୀକାର କରିପାରିବେ ନାହିଁ । ଏହି ସତ୍ତାଗୁଡ଼ିକୁ ଆପଣ କିପରି ଜାଣନ୍ତି ? କେତେକର ଜ୍ଞାନ ଆପଣଙ୍କୁ ଆପେ-ଆପେ ହୋଇଯାଏ, ଯେପରିକି ଆପଣ ନିଜର ସତ୍ତାକୁ ସର୍ବଦା ଅନୁଭବ କରନ୍ତି। ଯଦି କେହି ଆପଣଙ୍କୁ କହେ ଯେ 'ଆପଣ ନାହାନ୍ତି', ତେବେ ଆପଣ ଏହା ସ୍ୱୀକାର କରିବେ ନାହିଁ । କେତେକର ଜ୍ଞାନ ଆପଣଙ୍କୁ ସେହି ଜଡ଼ ବସ୍ତୁମାନଙ୍କ ଦ୍ୱାରା ହୋଇଥାଏ, ଯେଉଁଥିରେ କି ସେହି ଚେତନ ସତ୍ତାମାନଙ୍କର ଗତି ରଣ-ରୂପେ ରହିଥାଏ । ଉଦାହରଣ- ସ୍ୱରୂପ ଯେତେବେଳ ପର୍ଯ୍ୟନ୍ତ ମୁଁ ଶ୍ୱାସ ନେଉଛି, ପଲକ ପକାଉଛି ବା ଶରୀରର କୌଣସି ଅଙ୍ଗକୁ ସଞ୍ଚାଳନ କରୁଛି, ଆପଣ ସେତେବେଳ ପର୍ଯ୍ୟନ୍ତ ମୋର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି । ଶ୍ୱାସ-ପ୍ରଶ୍ୱାସ ବନ୍ଦ ହେଲେ, ନାଡ଼ିର ଗତି ବନ୍ଦ ହେଲେ, ହୃଦୟର ସ୍ପନ୍ଦନ ବନ୍ଦ ହୋଇଗଲେ, ଆଖିର ପଲକ ନ ଖୋଲିଲେ ଆପଣ କହିବେ 'ଏହି ମନୁଷ୍ୟ ମରିଗଲା' ଅର୍ଥାତ୍ ମୁଖ୍ୟ 'ଚେତନ ସତ୍ତା' ଏଠାରୁ ଚାଲିଗଲା । ବର୍ତ୍ତମାନ ଏହା ଜୀବ ନୁହେଁ, ଶବ ।

ଯେଉଁ ଭଳି ଜଡ଼ ନାକ-କାନ ଚେତନ-ପ୍ରେରିତ ଗତିକୁ ପ୍ରକଟ କରିବା ସହ ନିଜର ପ୍ରେରକର ସତ୍ତାକୁ ପ୍ରତିପାଦନ କରନ୍ତି, ସେହିଭଳି ସଂସାରର ଅନ୍ୟ ଜଡ଼ ବସ୍ତୁଗୁଡ଼ିକ ମଧ୍ୟ ନିଜ ଗତିର ପ୍ରେରକ ଅନ୍ୟ କୌଣସି ଚେତନ ସତ୍ତା ପ୍ରତି ଇଙ୍ଗିତ କରିଥାନ୍ତି ।

## ନିଖିଳ ଭୁବନ ତୁମରି ନିଦର୍ଶନ

**ଉଦୁ ତ୍ୟଂ ଜାତବେଦସଂ ଦେବଂ ବହନ୍ତି କେତବଃ । ଦୃଶେ ବିଶ୍ୱାୟ ସୂର୍ୟମ୍ ॥** (ଯଜୁଃ. ୮:୪୧)

ସଂସାରର ବସ୍ତୁଗୁଡ଼ିକ ସକଳ ପଦାର୍ଥର ଜ୍ଞାତା ସୂର୍ଯ୍ୟଙ୍କ ପାଇଁ କେତୁ ଅର୍ଥାତ୍ ଧ୍ୱଜ ସଦୃଶ କାର୍ଯ୍ୟ କରିଥାନ୍ତି ଅର୍ଥାତ୍ ଏ ସମସ୍ତ ବସ୍ତୁ ଦ୍ୱାରା ସେହି ମହାନ୍ ଈଶ୍ୱରଙ୍କର ସତ୍ତାର ପରିଚୟ ମିଳିଥାଏ, ଯାହାକୁ ଜାଣିବା ଦ୍ୱାରା ଆମେ ସମଗ୍ର ସଂସାରର ଯଥୋଚିତ ଜ୍ଞାନ ପ୍ରାପ୍ତ କରିପାରୁ ।

ଏହି ବେଦମନ୍ତ୍ରରେ ଦୁଇଟି ମୁଖ୍ୟ କଥା କୁହାଯାଇଛି, ଯଥା—ବିଶ୍ୱ ଈଶ୍ୱରଙ୍କ ପରିଚୟ ଦିଏ ଏବଂ ଈଶ୍ୱରଙ୍କୁ ଜାଣିବ ଦ୍ୱାରା ସଂସାର ବିଷୟରେ ଜ୍ଞାନ ମିଳିଥାଏ । ଏହା ଅନ୍ୟୋନ୍ୟାଶ୍ରୟ ଭାବ। ଅନ୍ୟୋନ୍ୟାଶ୍ରୟ ଦୋଷ ନୁହେଁ। ଯେଉଁ ବସ୍ତୁମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ ଥାଏ, ତନ୍ମଧ୍ୟରୁ ପ୍ରତ୍ୟେକେ ଅନ୍ୟ ବସ୍ତୁ ସମ୍ପର୍କରେ ଜ୍ଞାନ ପ୍ରାପ୍ତ କରାଇଥାନ୍ତି । ଘଡ଼ିରୁ ଘଡ଼ି ତିଆରି କରୁଥିବା ବ୍ୟକ୍ତିର ପରିଚୟ ମିଳେ ଏବଂ ଘଡ଼ିର ନିର୍ମାତାକୁ ବୁଝି ଆମେ ଘଡ଼ି ସମ୍ବନ୍ଧରେ ଜ୍ଞାନ ପାଇଥାଉ। ଆଖି କହେ ଯେ ଆଖିରେ ଦେଖୁଥିବା କୌଣସି ଆତ୍ମା ଅଛି । ସେ ଆତ୍ମାର ପରିଚୟ ଦେଲା । ଆତ୍ମାକୁ ବୁଝିଯିବା ଦ୍ୱାରା ଆଖିର ପ୍ରୟୋଜନକୁ ମଧ୍ୟ ବୁଝି ହେଲା । କାରଣ ଆଖି ରହିଛି ଆତ୍ମାର ହିଁ କୌଣସି ଉଦ୍ଦେଶ୍ୟ ପୂରଣ ନିମନ୍ତେ । କେଉଁଠି ରଖା ହୋଇଥିବା ମୋଟର ଗାଡ଼ିକୁ ଦେଖି ଆପଣ ପଚାରିଥାଆନ୍ତି ଯେ, 'ଏହା କାହାର ଗାଡ଼ି' ? କିନ୍ତୁ ମୋଟର ଗାଡ଼ିର ପୂର୍ଣ୍ଣ ଉପଯୋଗିତା ତ ମୋଟର ଗାଡ଼ିର ମାଲିକଙ୍କ ପ୍ରବୃତ୍ତି ସହ ପରିଚିତ ହେବା ପରେ ହିଁ ଜାଣିହୁଏ । ଯଦି ମୋଟରର ମାଲିକ ବ୍ୟବସାୟୀ, ତେବେ ମୋଟର କାର୍‌ଟି ବ୍ୟାପାର ପାଇଁ ଉପଯୁକ୍ତ। ଯଦି ସେ କୃଷକ, ତେବେ ତାହା କୃଷିର ଉପଯୋଗୀ ।

ଏହିପରି ଚନ୍ଦ୍ର, ସୂର୍ଯ୍ୟ, ବାୟୁ, ଅଗ୍ନି, ସମୁଦ୍ର, ନଦୀ ଆଦି ସମସ୍ତ ବସ୍ତୁ ଜଡ଼ ହୋଇ ମଧ୍ୟ ଚେତନ ସଦୃଶ କାର୍ଯ୍ୟ କରନ୍ତି । ଏମାନଙ୍କ ଠାରେ ଗତି ରହିଛି, କିନ୍ତୁ ନିଜସ୍ୱ ନୁହେଁ, ତାହା ଅନ୍ୟ କୌଣସି ପ୍ରେରକର ଗତି। ବୈଦିକ ଭାଷାରେ ପ୍ରେରକ ନିମନ୍ତେ ସବୁଠାରୁ ଉପଯୁକ୍ତ ଶବ୍ଦ ହେଲା 'ସବିତା', କାରଣ ସେ ସମଗ୍ର ଜଗତକୁ ଗତିଶୀଳ କରିଥାନ୍ତି ।

ଏଠାରେ ପ୍ରାୟ ଏହି ପ୍ରଶ୍ନ ହୋଇଥାଏ ଯେ ଯେଉଁ ଈଶ୍ୱର ଚକ୍ଷୁ ଦ୍ୱାରା ଦେଖାଯାଆନ୍ତି ନାହିଁ, ତାଙ୍କ ଉପରେ କିପରି ବିଶ୍ୱାସ କରାଯିବ ? ଏହି ବିଷୟରେ ଋଗ୍‌ବେଦର ଏକ ମନ୍ତ୍ର ରହିଛି—

**ଯଂ ସ୍ମା ପୃଚ୍ଛନ୍ତି କୁହ ସେତି ଘୋରମୁତେମାହୁର୍ନୈଷୋ ଅସ୍ତୀତ୍ୟେନମ୍ । ସୋ ଅର୍ଯ୍ୟଃ ପୁଷ୍ଟୀର୍ବିଜ ଇବା ମିନାତି ଶ୍ରଦସ୍ମୈ ଧତ୍ତ ସ ଜନାସ ଇନ୍ଦ୍ରଃ ॥** (ଋକ୍. ୨:୧୨:୫)

**ପ୍ରଶ୍ନ — ଯଂ ସ୍ମା ପୃଚ୍ଛନ୍ତି —** ଲୋକେ ପଚାରନ୍ତି ।

**କୁହ ସେତି ଘୋରମ୍ —** ଭୟଭୀତ କରୁଥିବା ସେହି ଈଶ୍ୱର କେଉଁଠି ଅଛନ୍ତି ? କାହିଁକି ଅଯଥା ଈଶ୍ୱର-ଈଶ୍ୱର କହି ଆମକୁ ଭୟଭୀତ କରାଉଛ ?

**ଉତେମାହୁଃ ନୈଷୋ ଅସ୍ତୀତି ଏନମ୍ —** ତାଙ୍କ ବିଷୟରେ ତ ଏହା କୁହାଯାଇପାରେ ଯେ 'ସେ କେଉଁଠି ନାହାନ୍ତି' । ଥିଲେ କ'ଣ ଦେଖାଯାଆନ୍ତେ ନାହିଁ ?

**ଉତ୍ତର —** ଏପରି କୁହ ନାହିଁ ।

**ସଃ ବିଜ ଇବ ଅର୍ଯଃ ପୁଷ୍ଟୀଃ ଅମିନାତି —** ସେ ବିରାଧୀ ଶକ୍ତିଗୁଡ଼ିକୁ ବିବେକବାନ୍‌ଙ୍କ ପରି ନଷ୍ଟ କରିଦିଅନ୍ତି । ଈଶ୍ୱର ସେହି ଶକ୍ତି ଅଟନ୍ତି, ଯାହାଙ୍କ ଆଗରେ କାହାର ଜୋର୍ ଚଳେ ନାହିଁ । ଆପଣ ପ୍ରକୃତିର ନିୟମଗୁଡ଼ିକୁ ଯେତେ ବି ଅଧୀନସ୍ଥ କରନ୍ତୁ, କେଉଁଠି ନା କେଉଁଠି ଏପରି ଘଟଣା ଘଟିଯିବ ଯଦ୍ୱାରା ଆପଣଙ୍କ ମାର୍ଗ ଅବରୁଦ୍ଧ ହୋଇଯିବ। ଇଂରାଜୀରେ କୁହାଯାଏ — Man proposes and God disposes — ମନୁଷ୍ୟ ଯୋଜନା ତିଆରି କରେ ଏବଂ ଈଶ୍ୱର ତାକୁ ଅସ୍ତବ୍ୟସ୍ତ କରିଦିଅନ୍ତି । ମନୁଷ୍ୟର କେତେ ଯେ ଯୋଜନା ବିଫଳ ହୋଇଥାଏ । ଯଦି ସଂସାର କେବଳ ଜଡ଼ ହୋଇଥାନ୍ତା, ତେବେ ଏଠାରେ ନା କୌଣସି ନିୟମ

ଥାଆନ୍ତା, ନା କୌଣସି ନିୟାମକ ରହିଥାନ୍ତେ । ଈଶ୍ୱରୀୟ ନିୟମଗୁଡ଼ିକର ଶକ୍ତି ମନୁଷ୍ୟକୁ ସେତେବେଳେ ଜଣାପଡ଼େ ଯେତେବେଳେ ତାହାର ଗତିର ମାର୍ଗ ରୁଦ୍ଧ ହୋଇଯାଏ । ଏଣୁ ବେଦରେ କୁହାଯାଇଛି —

**ଶ୍ରଦ୍ ଅସ୍ମୈ ଧତ୍ତ** — ତାଙ୍କୁ ଶ୍ରଦ୍ଧା କର ।
**ହେ ଜନାସଃ** — ହେ ମାନବ !
**ସ ଇନ୍ଦ୍ରଃ** — ସେ ହିଁ ଈଶ୍ୱର ଅଟନ୍ତି ।

**ପ୍ରଶ୍ନ** — ଅନ୍ୟ ଏକ ମନ୍ତ୍ରରେ ଏପରି ଆଉ ଏକ ପ୍ରଶ୍ନ କରାଯାଇଛି —

**ପ୍ର ସୁ ସ୍ତୋମଂ ଭରତ ବାଜୟନ୍ତ ଇନ୍ଦ୍ରାୟ ସତ୍ୟଂ ଯଦି ସତ୍ୟମସ୍ତି । ନେନ୍ଦ୍ରୋ ଅସ୍ତୀତି ନେମ ଉ ତ୍ୱ ଆହ କ ଈଂ ଦଦର୍ଶ କମଭି ଷ୍ଟବାମ ॥**

(ଋକ୍. ୮:୧୦୦:୩)

**ପ୍ର ସୁ ସ୍ତୋମଂ ଭରତ ବାଜୟନ୍ତ ଇନ୍ଦ୍ରାୟ** — ହେ ପ୍ରଯତ୍ନଶୀଳ ମନୁଷ୍ୟ, ତୁମେ ଇନ୍ଦ୍ରଙ୍କର ସ୍ତୁତି କର । ଏହା ଗୁରୁଜନମାନଙ୍କ ଉପଦେଶ ।

ସତ୍ୟଂ ଯଦି ସତ୍ୟମସ୍ତି — ଆମେ ସ୍ୱୀକାର କରିବାକୁ ପ୍ରସ୍ତୁତ ଯଦି ଏହା ସତ୍ୟ ହୋଇଥିବ ।

ନେନ୍ଦ୍ରୋ ଅସ୍ତୀତି ନେମ ଉ ତ୍ୱ ଆହ — କିଛି ଲୋକ କହନ୍ତି ଯେ ଇନ୍ଦ୍ର ବୋଲି ତ କେହି ନାହାନ୍ତି ।

କ ଈଂ ଦଦର୍ଶ — କିଏ ତାଙ୍କୁ ଦେଖିଛି ?

କଂ ଅଭି ଷ୍ଟବାମ (କମଭି ଷ୍ଟବାମ)— ତେଣୁ ଆମେ କାହାର ସ୍ତୁତି କରିବୁ ?

**ଉତ୍ତର** — ଏହା ତ 'ନେମ' ଅର୍ଥାତ୍ ଅଳ୍ପ ବୁଦ୍ଧି ସମ୍ପନ୍ନ ଲୋକଙ୍କ କଥା, ଯେଉଁମାନେ କେବଳ ସ୍ଥୂଳଦର୍ଶୀ ଅଟନ୍ତି ଏବଂ ପୂର୍ଣ୍ଣ ବିବେକ ଦ୍ୱାରା କାର୍ଯ୍ୟ କରନ୍ତି ନାହିଁ ।

(ବି.ଦ୍ର- ତ୍ୱୋ ନେମ ଇତ୍ୟର୍ଧସ୍ୟ-ନିରୁକ୍ତ. ୩:୨୦)

**ଅୟମସ୍ମି ଜରିତଃ ପଶ୍ୟ ମେହ ବିଶ୍ୱା ଜାତାନ୍ୟଭ୍ୟସ୍ମି ମହ୍ନା । ଋତସ୍ୟ ମା ପ୍ରଦିଶୋ ବର୍ଦ୍ଧୟନ୍ତ୍ୟାଦର୍ଦିରୋ ଭୁବନା ଦର୍ଦରୀମି ॥**

(ଋକ୍. ୮:୧୦୦:୪)

ଈଶ୍ୱର କହନ୍ତି —

ଜରିତଃ — ହେ ସ୍ତୁତି କରୁଥିବା ମନୁଷ୍ୟ, କାହିଁକି ସନ୍ଦେହ କରୁଛ ?

ଅୟମସ୍ମି — ମୁଁ ତ ଏଠାରେ ଅଛି। ତୁମର ଅତି ନିକଟରେ !

ପଶ୍ୟ ମା ଇହ — ମୋତେ ତୁମେ ନିଜ ପାଖରେ ହିଁ ଦେଖ ।

ବିଶ୍ୱା ଜାତାନି ଅଭି ଅସ୍ମି ମହ୍ନା — ନିଜର ମହାନତା ବଳରେ ମୁଁ ସମଗ୍ର ସଂସାରରେ ଆଧିପତ୍ୟ ରଖିଥାଏ ।

ଋତସ୍ୟ ପ୍ରଦିଶଃ — ଋତ ଅର୍ଥାତ୍ ସୃଷ୍ଟି ନିୟମ ସମ୍ବନ୍ଧରେ ଜାଣିଥିବା ବିଦ୍ୱାନ୍ ବ୍ୟକ୍ତି ।

ମା ବର୍ଦ୍ଧୟନ୍ତି — ମୋତେ ବଢ଼ାଇଥାନ୍ତି ଅର୍ଥାତ୍ ମୋର ଯଶର ପ୍ରଚାର କରିଥାନ୍ତି ।

ଆଦର୍ଦିରଃ — ସଂହାର କରିବାର ଶକ୍ତିଧାରୀ ମୁଁ ।

ଭୁବନା — ସମଗ୍ର ସଂସାରର ବା ଜଗତର ।

ଦର୍ଦରୀମି — ସଂହାର କରିଦିଏ ।

ଅର୍ଥାତ୍ ଈଶ୍ୱର ଏ ସୃଷ୍ଟିର ସ୍ରଷ୍ଟା ଅଟନ୍ତି, ପାଳକ ଅଟନ୍ତି ଓ ସଂହାର ବି ସେ ହିଁ କରିଥାନ୍ତି ।

**ପ୍ରଶ୍ନ** — ଆମେ ତ ଶୁଣିଛୁ ଯେ ବ୍ରହ୍ମା ସୃଷ୍ଟି କରନ୍ତି, ବିଷ୍ଣୁ ପାଳନ କରନ୍ତି ଓ ଶିବ ସଂହାର କରନ୍ତି । ଏହିପରି ଭାବେ ବ୍ରହ୍ମା, ବିଷ୍ଣୁ ଓ ଶିବ ଏହି ତିନି ଦେବତା ଯଥାକ୍ରମେ ସୃଷ୍ଟିର ରଚୟିତା, ପାଳକ ଏବଂ ସଂହାରକର୍ତ୍ତା ଅଟନ୍ତି ।

**ଉତ୍ତର** — ଏହି ତିନି ଦେବତାଙ୍କ କଳ୍ପନା ପୁରାଣ ଲେଖକଙ୍କ ନିଜସ୍ୱ ମିଥ୍ୟା କଳ୍ପନା । ବସ୍ତୁତଃ ଉତ୍ପନ୍ନ, ପାଳନ ଓ ବିନାଶ କର୍ତ୍ତା ଏକ ହିଁ ଦେବ ବା ଈଶ୍ୱର ଅଟନ୍ତି। ତାଙ୍କୁ ହିଁ ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର, ଅଗ୍ନି ଆଦି ଅନେକ ନାମରେ ସମ୍ବୋଧନ କରାଯାଇଛି । ଈଶ୍ୱର ଅନେକ ନୁହନ୍ତି, ତାଙ୍କର

ନାମ ଅନେକ। ଦେଖନ୍ତୁ ଋଗ୍ ବେଦରେ କୁହାଯାଇଛି—

**ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍ । ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ।।**

(ଋକ୍. ୧:୧୬୪:୪୬)

ତାହାଙ୍କୁ ଲୋକମାନେ ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି ନାମରେ ସମ୍ବୋଧନ କରନ୍ତି । ସେ ଦିବ୍ୟ, ସୁପର୍ଣ୍ଣ ତଥା ଗରୁତ୍ମାନ୍ ଅଟନ୍ତି । ସେ ଏକ ଅଟନ୍ତି । ବିଦ୍ୱାନମାନେ ତାଙ୍କୁ ଅନେକ ନାମରେ ନାମିତ କରିଥାନ୍ତି । ଏଠାରେ ସ୍ପଷ୍ଟ ଭାବେ କୁହାଯାଇଛି—

**ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି ।**

ସେ ଏକ ସତ୍ତା ଅଟନ୍ତି । ବିଦ୍ୱାନ୍ ଲୋକେ ତାଙ୍କୁ ବହୁଧା (ଅନେକ ନାମରେ) ସମ୍ବୋଧନ କରନ୍ତି ।

ଈଶ୍ୱରଙ୍କ ଅନେକ ଗୁଣ ରହିଛି । ପ୍ରତ୍ୟେକ ଗୁଣ ପାଇଁ ଭିନ୍ନ-ଭିନ୍ନ ନାମ ରହିଛି । ଏଣୁ ଈଶ୍ୱରଙ୍କର ଅନେକ ନାମ ହେବା ସ୍ୱାଭାବିକ। ଉପରୋକ୍ତ ମନ୍ତ୍ରରେ ଈଶ୍ୱରଙ୍କ ଯେଉଁ ସବୁ ନାମର ଉଲ୍ଲେଖ ରହିଛି ସେ ସବୁର ଅର୍ଥ ହେଲା —

ଇନ୍ଦ୍ର — ଐଶ୍ୱର୍ଯ୍ୟବାନ୍ ।

ମିତ୍ରମ୍ — (ମିତ୍ରଂ ପ୍ରମୀତେର୍ମରଣାଦ୍ ଋତାରମ୍-ସାୟଣଭାଷ୍ୟ) ମୃତ୍ୟୁରୁ ଉଦ୍ଧାରକ ।

ବରୁଣ — ବରଣୀୟ ବା ଗ୍ରହଣୀୟ ।

ଅଗ୍ନି — ପୂଜନୀୟ ।

ଦିବ୍ୟ — ଜ୍ୟୋତିଃସ୍ୱରୂପ ।

ସୁପର୍ଣ୍ଣ — (ଶୋଭନାନି ପର୍ଣ୍ଣାନି ପାଲନାନି ଯସ୍ୟ ସଃ) ଉତ୍ତମ ରୂପେ ଜଗତର ପରିପାଳକ ।

ଗରୁତ୍ମାନ୍ — (ଗୁର୍ବାତ୍ମା-ଯାସ୍କ) ପରମ ଆତ୍ମା ।

ଯମ — ନିୟନ୍ତା ।

ମାତରିଶ୍ୱା — ଅନ୍ତରିକ୍ଷରେ ବ୍ୟାପକ ।

ଏହିପରି ଯେଉଁ ତିନି ନାମରେ ଆପଣ ତିନି ଦେବତା ବା ଈଶ୍ୱରଙ୍କର ପୃଥକ୍ କଳ୍ପନା କରୁଛନ୍ତି, ଅର୍ଥାତ୍ ଜଣେ ବ୍ରହ୍ମା, ବିଷ୍ଣୁ ଅନ୍ୟ ଜଣେ ଏବଂ ମହେଶ୍ୱର ଅନ୍ୟ ଜଣେ, ଆପଣଙ୍କର ଏପରି କଳ୍ପନା ବେଦବିରୁଦ୍ଧ ଓ ଭ୍ରମପୂର୍ଣ୍ଣ। ଏପରି ଚିନ୍ତନ ଅଯଥା ଗୋଷ୍ଠୀବାଦ ସୃଷ୍ଟି କରି ହିନ୍ଦୁ ସମାଜକୁ ବୈଷ୍ଣବ, ଶୈବ ଆଦି ମତ ନାମରେ ବିଭକ୍ତ କରି ପରସ୍ପର ମଧ୍ୟରେ ସଂଘର୍ଷ କରାଉଛି । ଦେଖନ୍ତୁ 'ଶିବ'ର ଅର୍ଥ ତ ସଂହାରକ ନୁହେଁ, 'ଶିବ'ର ଅର୍ଥ ହେଲା କଲ୍ୟାଣକାରୀ । ଏହିପରି 'ମହେଶ' ବା 'ମହାଦେବ'ର ଅର୍ଥ ମହାନ୍ ଈଶ୍ୱର, ସଂହାରକର୍ତ୍ତା ନୁହେଁ । 'ବିଷ୍ଣୁ'ର ଅର୍ଥ ବ୍ୟାପକ। 'ବ୍ରହ୍ମ' ବା ବ୍ରହ୍ମାର ଅର୍ଥ ବଡ଼ ।

**ପ୍ରଶ୍ନ —** ଯଦି ଈଶ୍ୱର 'ଆଦର୍ଦିରଃ' ଅର୍ଥାତ୍ ସଂହାରକ ଅଟନ୍ତି, ତେବେ ସେ ପୁଣି ମିତ୍ର କିପରି ? ଏପରି ଈଶ୍ୱରଙ୍କ ଠାରୁ ତ ଦୂରେଇ ରହିବ ଉଚିତ। ଈଶ୍ୱର ଏପରି ଗୁଣ ବର୍ଣ୍ଣନା କରି ଆମକୁ କାହିଁକି ଭୟଭୀତ କରାନ୍ତି ?

**ଉତ୍ତର —** ଆପଣ ସଂହାର ଶବ୍ଦର ଅର୍ଥ ହିଁ ବୁଝି ନାହାନ୍ତି । ଯେଉଁ ବସ୍ତୁ ତିଆରି ହୁଏ, ତାହା ନଷ୍ଟ ବି ହୁଏ । ଯଦି ବିନାଶ ହେବନାହିଁ, ତେବେ ନୂତନ ନିର୍ମାଣ ହେବ କିପରି ? କାଠକୁ ଯଦି କଟାଯିବ ନାହିଁ ତେବେ ଚୌକି, ଟେବୁଲ୍ ଆଦି ତିଆରି ହେବ କିପରି ? କପାରୁ ସୂତା ନ କାଟିଲେ ବସ୍ତ୍ର ବୁଣା ହେବ କିପରି ? ସମୁଦ୍ରର ପାଣି ଯଦି ବାଷ୍ପ ହେବ ନାହିଁ, ତେବେ ମେଘ କୁଆଡୁ ଆସିବ ଓ ବର୍ଷା କିପରି ହେବ ? ପାହାଡ଼ କଟା ନ ହେଲେ ନଦୀ ସୃଷ୍ଟି ହେବ କିପରି ? ଯଦି ମନୁଷ୍ୟର ମୃତ୍ୟୁ ନହୁଏ, ତେବେ ନୂତନ ଜନ୍ମ ହେବ କିପରି ? ଏହିପରି ଭାବେ ରଚନା, ପାଳନ ତଥା ସଂହାର ଗୋଟିଏ ଅନ୍ୟଟିର ପରିପୂରକ ଅଟନ୍ତି, ବିରୋଧୀ ନୁହଁନ୍ତି । ଈଶ୍ୱର ନିଜକୁ 'ଆଦର୍ଦିରଃ' କହି ଆପଣଙ୍କୁ ଡରାଉନାହାନ୍ତି, ବରଂ ସଚେତନ କରାନ୍ତି କି ଆପଣ କେତେବେଳେ ବି ନିଜକୁ ଅମର-ଅବିନାଶୀ ମନେକରି ଅଭିମାନୀ ଓ ଅତ୍ୟାଚାରୀ ନ ହୋଇଯାଆନ୍ତୁ ।

**ପ୍ରଶ୍ନ —** ଆମେ କିପରି ଜାଣିବୁ ଯେ ଈଶ୍ୱର ଅଛନ୍ତି

କି ନାହାନ୍ତି ଅଥବା ସେ କିପରି ଅଟନ୍ତି ଏବଂ କିପରି ନୁହନ୍ତି ? ସୃଷ୍ଟିକୁ ଦେଖିବା ଦ୍ୱାରା ତ ଈଶ୍ୱରଙ୍କର ପରିଚୟ ମିଳେ ନାହିଁ। ଈଶ୍ୱର ଆମକୁ ଦେଖାଯାଆନ୍ତି ନାହିଁ। ଗ୍ରନ୍ଥମାନଙ୍କରେ ଈଶ୍ୱରଙ୍କ ବିଷୟରେ ଅନେକ କିଛି ଲେଖାହୋଇଛି, ହେଲେ ତାହା ଉପରେ ବିଶ୍ୱାସ କରିବୁ କେମିତି ?

**ଉତ୍ତର —** ଆପଣ ନିଜର ଇନ୍ଦ୍ରିୟ, ନିଜର ଜ୍ଞାନ ତଥା ସୃଷ୍ଟି ଉପରେ ତ ବିଶ୍ୱାସ କରିବେ ? ଯଦି ଆପଣଙ୍କର ଏମାନଙ୍କ ଉପରେ ବି ବିଶ୍ୱାସ ନାହିଁ, ତେବେ ତ ଆପଣଙ୍କ ଅବସ୍ଥା ନିଶ୍ଚିତ ରୂପେ ଶୋଚନୀୟ ଓ ଦୟନୀୟ। କିନ୍ତୁ ଆପଣଙ୍କର ଯଦି ନିଜ ଜ୍ଞାନର ସାଧନଗୁଡ଼ିକ ଉପରେ ବିଶ୍ୱାସ ରହିଛି, ଯେଉଁମାନେ ସର୍ବଥା ନୈସର୍ଗିକ, ତେବେ ଆପଣଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବି ବିଶ୍ୱାସ କରିବାକୁ ହିଁ ହେବ ।

ଆମେ ପୂର୍ବରୁ ଉଲ୍ଲେଖ କରିଛୁ ଯେ ସମସ୍ତ ପଦାର୍ଥ ଇନ୍ଦ୍ରିୟଗୋଚର ନୁହନ୍ତି ଏବଂ ସମସ୍ତ ପଦାର୍ଥକୁ ସମସ୍ତ ଇନ୍ଦ୍ରିୟ ଦ୍ୱାରା ବି ଜାଣିହୁଏ ନାହିଁ। ଚକ୍ଷୁ ରୂପକୁ ଜଣାଏ, ଶବ୍ଦକୁ ନୁହେଁ। କର୍ଣ୍ଣ ଶବ୍ଦର ପରିଚୟ କରାଏ, ସ୍ୱାଦର ନୁହେଁ। ନାସିକା ଦ୍ୱାରା ଆପଣ କୌଣସି ବସ୍ତୁର ସୁଗନ୍ଧ ଅଛି କି ନାହିଁ ଜାଣିପାରିବେ। ପାଞ୍ଚୋଟି ଯାକ ଇନ୍ଦ୍ରିୟ ଦ୍ୱାରା ସୁଖ-ଦୁଃଖର ଅନୁଭବ ହୁଏ ନାହିଁ। ଏଥିପାଇଁ 'ମନ' ଆବଶ୍ୟକ। ସୁଖ-ଦୁଃଖକୁ ଆପଣ ଦେଖିପାରିବେ ନାହିଁ, ତଥାପି ଆପଣ ସୁଖ-ଦୁଃଖର ସ୍ଥିତିକୁଅସ୍ୱୀକାର କରିପାରିବେ ନାହିଁ। ଯାହା ବର୍ତ୍ତମାନ ପ୍ରତ୍ୟକ୍ଷ ହୋଇଥାଏ କିଛି ସମୟ ପରେ ହିଁ ତାହା ପରୋକ୍ଷ ହୋଇଯାଏ, ତେବେ କ'ଣ ତା'ର ଅସ୍ତିତ୍ୱକୁ ବି ଅସ୍ୱୀକାର କରାଯାଇ ପାରିବ? ଏଣୁ ଏହା କହିବା ସର୍ବଥା ଅସଂଗତ ତଥା ଅଯୌକ୍ତିକ ଯେ ଯେଉଁ ବସ୍ତୁ ଦେଖାଯାଏ ନାହିଁ ତାହାର ଅସ୍ତିତ୍ୱ ହିଁ ନାହିଁ।

**ପ୍ରଶ୍ନ —** ତେବେ କ'ଣ ଯେଉଁ ବସ୍ତୁ ଦେଖାଯାଏ ନାହିଁ ତାକୁ ସ୍ୱୀକାର କରିବାକୁ ହିଁ ହେବ? ଏପରି ହେଲେ ତ ଆମକୁ ଆକାଶ-କୁସୁମ ଏବଂ ଠେକୁଆର ଶିଙ୍ଗ ଉପରେ ବି ବିଶ୍ୱାସ କରିବାକୁ ହେବ ।

**ଉତ୍ତର —** ଆମେ ଏହା କହୁ ନାହୁଁ ଯେ ଯେଉଁ ବସ୍ତୁ ଦେଖାଯାଏ ନାହିଁ, ତାହାକୁ ସ୍ୱୀକାର ହିଁ କରନ୍ତୁ । ଆମର କହିବାର ଉଦ୍ଦେଶ୍ୟ ଏତିକି ମାତ୍ର ଯେ କୌଣସି ବସ୍ତୁ ଚକ୍ଷୁ ଦ୍ୱାରା ଦେଖା ନ ଯିବା ତାହାର ନାସ୍ତିତ୍ୱର କାରଣ ନୁହେଁ। ଆମେ ଅନେକ ପଦାର୍ଥକୁ ବୁଦ୍ଧି ଦ୍ୱାରା ଜାଣିପାରୁ । ଆମ ପାଖରେ ଏପରି ଶହଶହ ବସ୍ତୁ ରହିଛି ଯାହାର ନିର୍ମାତାଙ୍କୁ ଆମେ କେବେ ଦେଖିନାହୁଁ କି ଦେଖି ପାରିବୁ ନାହିଁ, ତଥାପି ଆମେ ସ୍ୱୀକାର କରୁ ଯେ ସେସବୁ ବସ୍ତୁର କେହି ନିର୍ମାତା ଅବଶ୍ୟ ଅଛନ୍ତି ।

**ପ୍ରଶ୍ନ —** ଆମେ ସେହି ବସ୍ତୁଗୁଡ଼ିକର ନିର୍ମାତାଙ୍କ ଅନୁମାନ କରୁ ଯେଉଁ ସବୁ ପାଇଁ ଏହା ନିଶ୍ଚିତ ଯେ ସେସବୁ ସ୍ୱୟଂ ନିର୍ମିତ ହୋଇପାରିବେ ନାହିଁ ।

**ଉତ୍ତର —** ଆଚ୍ଛା! ଆପଣ କ'ଣ ଏପରି କୌଣସି ବସ୍ତୁ କହିପାରିବେ ଯାହା ନିଜେ ନିର୍ମିତ ହୋଇଥାଏ ?

**ପ୍ରଶ୍ନ —** ହାଁ ଯେପରିକି ଉଦ୍‌ଜାନ ଓ ଅମ୍ଳଜାନର ସ୍ୱାଭାବିକ ମିଶ୍ରଣ ଦ୍ୱାରା ଜଳ ତିଆରି ହୋଇଥାଏ ।

**ଉତ୍ତର —** ଜଳରେ ଜଳର ସ୍ୱଭାବ ଥାଏ ନା ଉଦ୍‌ଜାନ ଓ ଅମ୍ଳଜାନର ?

**ପ୍ରଶ୍ନ —** ଜଳର ।

**ଉତ୍ତର —** ଜଳର ସ୍ୱଭାବ ଜଳ ତିଆରି ହେବା ପୂର୍ବରୁ ଥିଲା ନା ନାହିଁ ?

**ପ୍ରଶ୍ନ —** କୌଣସି ବସ୍ତୁର ସ୍ୱଭାବ ଉକ୍ତ ବସ୍ତୁଟି ଅସ୍ତିତ୍ୱକୁ ଆସିବା ପୂର୍ବରୁ ରହିପାରେ ନାହିଁ ।

**ଉତ୍ତର —** ଠିକ୍ । ଏଣୁ ଯେତେବେଳ ପର୍ଯ୍ୟନ୍ତ ଜଳ ନିର୍ମିତ ହୋଇପାରିନଥିଲା, ସେତେବେଳ ପର୍ଯ୍ୟନ୍ତ ତାହାର ସ୍ୱଭାବ ବି ନଥିଲା । ତେଣୁ ଜଳ ନିଜର ସ୍ୱଭାବରୁ ନିର୍ମିତ ନୁହେଁ ।

**ପ୍ରଶ୍ନ —** ଅମ୍ଳଜାନ ଓ ଉଦ୍‌ଜାନ ତ ପୂର୍ବରୁ ଥିଲେ।

ସେଥିରୁ ସ୍ୱାଭାବିକ ନିୟମ ଅନୁସାରେ ଜଳ ତିଆରି ହେଲା ।

**ଉତ୍ତର —** ଆପଣ ନିଜ ବକ୍ତବ୍ୟର ଅର୍ଥକୁ ତ ଚିନ୍ତନ କରନ୍ତୁ । ଜଳ ଜଳର ସ୍ୱଭାବ (ନିଜର ଭାବ)ରୁ ତିଆରି ହୋଇନାହିଁ । ଯେତେବେଳେ ଜଳ ନ ଥିଲା, ସେତେବେଳେ ଜଳତ୍ୱ ବି ନ ଥିଲା । ଏହା ଅନ୍ୟ ବସ୍ତୁର 'ସ୍ୱ-ଭାବ'ରୁ ତିଆରି ହେଲା, ଅର୍ଥାତ୍ 'ପର-ଭାବ'ରୁ । ତେଣୁ ଏହା କହିବା ଠିକ୍ ନୁହେଁ ଯେ ବସ୍ତୁଗୁଡ଼ିକ ନିଜର ସ୍ୱଭାବରୁ ନିର୍ମିତ ହୁଅନ୍ତି । ଅମ୍ଳଜାନରେ ଅମ୍ଳଜାନର ସ୍ୱଭାବ ଥିଲା, ଜଳର ନୁହେଁ ଏବଂ ଉଦ୍‌ଜାନରେ ଉଦ୍‌ଜାନର ସ୍ୱଭାବ ଥିଲା, ଜଳର ନୁହେଁ । ତେବେ ଜଳ କାହାର ସ୍ୱଭାବରୁ ତିଆରି ହେଲା ?

**ପ୍ରଶ୍ନ —** ପ୍ରକୃତିର ନିୟମଦ୍ୱାରା ।

**ଉତ୍ତର —** 'ପ୍ରକୃତି' ନିୟମ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ନା ନିୟମର ନାମ ହିଁ ପ୍ରକୃତି ?

**ପ୍ରଶ୍ନ —** ଯଦି ଆମେ ନିୟମ ଓ ପ୍ରକୃତିକୁ ଏକ ବୋଲି ମାନିନେବା, ତେବେ କ୍ଷତି କ'ଣ ?

**ଉତ୍ତର —** ତେବେ ପ୍ରକୃତି ଓ ନିୟମକୁ କୌଣସି ଏକ ଚେତନ ବସ୍ତୁ ରୂପେ ସ୍ୱୀକାର କରିବାକୁ ହେବ, ଯିଏ କି ଅମ୍ଳଜାନ ଓ ଉଦ୍‌ଜାନକୁ ନିୟନ୍ତ୍ରଣରେ ରଖିପାରିବ ଏବଂ ଠିକ୍ ସମୟରେ ଠିକ୍ ମାତ୍ରାରେ ଉଭୟଙ୍କର ସଂଯୋଗ ଓ ବିଯୋଗ କରିପାରିବ ।

**ପ୍ରଶ୍ନ —** ଏଥିରେ ଆମର କ୍ଷତି କ'ଣ ?

**ଉତ୍ତର —** କ୍ଷତି କିଛି ନାହିଁ । କେବଳ ଏତିକି କଥା ଯେ ଆପଣ ତାହାକୁ ଈଶ୍ୱର ବୋଲି କହିବେ ଏବଂ ଆପଣଙ୍କୁ ନିଜର ଅନୀଶ୍ୱରବାଦକୁ ଛାଡ଼ିବାକୁ ହେବ ।

**ପ୍ରଶ୍ନ —** ଆମେ ପ୍ରକୃତିକୁ ଚେତନ ବୋଲି ସ୍ୱୀକାର କରୁ। କିନ୍ତୁ ଈଶ୍ୱର ବୋଲି ନୁହେଁ ।

**ଉତ୍ତର —** ଏଠାରେ ତ ନାମରେ ହିଁ ମାତ୍ର ପ୍ରଭେଦ ରହିଲା । ଚେତନ ସତ୍ତା ତ ପ୍ରମାଣିତ ହୋଇଗଲା । ଏହିପରି ଭାବେ ଆପଣ ନିଜ ଶରୀରର ସମସ୍ତ ଅଙ୍ଗ ଉପରେ ବିଚାର କରନ୍ତୁ । ଆପଣଙ୍କ ଶରୀରର ପ୍ରତ୍ୟେକ ଅବୟବ ଈଶ୍ୱରଙ୍କ ଅସ୍ତିତ୍ୱର ସାକ୍ଷୀ ଅଟେ ।

**ପ୍ରଶ୍ନ —** କିପରି ?

**ଉତ୍ତର —** ଉଦାହରଣ ରୂପେ ନିଜର ଚକ୍ଷୁକୁ ନିଅନ୍ତୁ ।

୧. ଚକ୍ଷୁ ଏକ ନିର୍ମିତ ପଦାର୍ଥ । ଏପରି ଏକ ସମୟ ଥିଲା ଯେତେବେଳେ ଆପଣଙ୍କ ଶରୀର ବର୍ତ୍ତମାନର ଅବସ୍ଥାରେ ନଥିଲା, ଏହା ଏକ ଅବ୍ୟକ୍ତ ଜଳ ସଦୃଶ ତରଳ ପଦାର୍ଥ ଥିଲା । ଏଥିରେ ଚକ୍ଷୁ ନିର୍ମାଣ ହୋଇପାରି ନଥଲା ।

୨. ଚକ୍ଷୁକୁ ଆପଣ ନିଜେ ଗଢ଼ିନାହାନ୍ତି । ଆପଣ ବର୍ତ୍ତମାନ ବି ଚକ୍ଷୁର ନିର୍ମାଣ ବା ସଂସ୍କରଣ ବିଷୟରେ କିଛି ଜାଣିନାହାନ୍ତି ।

୩. ଚକ୍ଷୁ ନିଜେ ନିଜର ନିର୍ମାତା ନୁହେଁ । କର୍ତ୍ତା କାର୍ଯ୍ୟ ପୂର୍ବରୁ ବିଦ୍ୟମାନ ହେବା ଆବଶ୍ୟକ। ଯେଉଁ ବସ୍ତୁ ପୂର୍ବରୁ ନାହିଁ, ତାକୁ ଆପଣ କିପରି କୌଣସି ବସ୍ତୁର ନିର୍ମାତା ବୋଲି କହିପାରିବେ ?

୪. ଚକ୍ଷୁର ଆକୃତି ଓ ତା'ର ଉପଯୋଗିତାରୁ ଅପୂର୍ବ, ଅଦ୍ଭୁତ ତଥା ପର୍ଯ୍ୟାପ୍ତ ଜ୍ଞାନର ଦର୍ଶନ ହୋଇଥାଏ । କୌଣସି ଚକ୍ଷୁ ବିଶେଷଜ୍ଞଙ୍କୁ ପଚାରନ୍ତୁ, ସେ କହିବେ ଯେ 'ଚକ୍ଷୁ' ବିଷୟରେ ଜାଣିବା ପାଇଁ ଅନେକ ବିଦ୍ୟା ଅଧ୍ୟୟନ କରିବାକୁ ହେବ । ନିର୍ମାଣ କରିବା ପାଇଁ ତ ଯଥେଷ୍ଟ ଅଧିକ ଜ୍ଞାନ ଆବଶ୍ୟକ ।

୫. ଚକ୍ଷୁର କାର୍ଯ୍ୟ ଓ ସୂର୍ଯ୍ୟଙ୍କ କାର୍ଯ୍ୟ ଭିତରେ ଏତେ ଘନିଷ୍ଠ ସମ୍ବନ୍ଧ ରହିଛି ଯେ, ଯିଏ ଚକ୍ଷୁ ନିର୍ମାଣ କରନ୍ତି ଓ ତାକୁ ନିୟନ୍ତ୍ରଣ କରନ୍ତି, ସିଏ ହିଁ ସୂର୍ଯ୍ୟକୁ ସୃଷ୍ଟି କରିଛନ୍ତି ଓ ନିୟନ୍ତ୍ରଣ ମଧ୍ୟ କରୁଛନ୍ତି । ଅର୍ଥାତ୍ ଯେଉଁ ସୃଷ୍ଟି ରୂପୀ ଯନ୍ତ୍ରର ସୂର୍ଯ୍ୟ ଏକ କଳ, ଚକ୍ଷୁ ବି ତାହାର ଏକ ଛୋଟ କଳ ଅଟେ ।

୬. ଚକ୍ଷୁ ଅନେକ ରହିଛି ଏବଂ ସମସ୍ତ ଚକ୍ଷୁ ଏକାଭଳି କାର୍ଯ୍ୟ କରନ୍ତି । ଏଣୁ ଏହାର ନିର୍ମାଣ ଆକସ୍ମିକ

ହୋଇନପାରେ ।

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଯିଏ ଚକ୍ଷୁ ନିର୍ମାଣ କରିଛନ୍ତି ସିଏ ସର୍ବଜ୍ଞ, ସର୍ବନିୟନ୍ତା, ସର୍ବବ୍ୟାପକ ତଥା ଚେତନସ୍ୱରୂପ ଅଟନ୍ତି । ସେ ଦୟାଳୁ ମଧ୍ୟ ଅଟନ୍ତି, କାରଣ ଆମ ଉପରେ ଦୟାକରି ସେ ଚକ୍ଷୁ ଦେଇଛନ୍ତି । ଏହାଦ୍ୱାରା ଈଶ୍ୱରଙ୍କର ଜ୍ଞାନ, ବ୍ୟାପକତା, ଶକ୍ତିମତ୍ତା ତଥା ଦୟାଳୁତା ଗୁଣର ପରିଚୟ ମିଳିଲା ।

**ପ୍ରଶ୍ନ —** ଚକ୍ଷୁକୁ ଦେଖି ଈଶ୍ୱରଙ୍କର କେଉଁ ଜ୍ଞାନର ପରିଚୟ ମିଳେ ଓ କିପରି ?

**ଉତ୍ତର —** ଚୌକିକୁ ଦେଖି ଆପଣ ଚୌକି ନିର୍ମାତାଙ୍କ କେଉଁ ଜ୍ଞାନର ପରିଚୟ ପାଆନ୍ତି ?

**ପ୍ରଶ୍ନ —** ଚୌକି ନିର୍ମାତା ଏତିକି ବିଷୟରେ ନିଶ୍ଚିତ ଜାଣିଥିବେ- କେଉଁ କେଉଁ ପ୍ରକାର କାଠରେ ଚୌକି ତିଆରି ହୁଏ ? କାଠକୁ କିପରି କଟାଯାଏ ? କଟାଯାଇଥିବା କାଠକୁ କିପରି ଯୋଡ଼ାଯାଏ ? କେଉଁଭଳି ଯୋଡ଼ିବା ଦ୍ୱାରା ତାହା ଆମ ପାଇଁ ଅଧିକ ଉପଯୋଗୀ ହୋଇପାରିବ ?

**ଉତ୍ତର —** ଠିକ୍ ! ଏହିଭଳି ଚକ୍ଷୁର ନିର୍ମାତା ପଦାର୍ଥ-ବିଜ୍ଞାନ, ରସାୟନ-ଶାସ୍ତ୍ର, ପ୍ରକାଶ-ଶାସ୍ତ୍ର, ଶରୀର-ଶାସ୍ତ୍ର, ବର୍ଣ୍ଣ-ଶାସ୍ତ୍ର, ମନୁଷ୍ୟର ମନୋବିଜ୍ଞାନର ପୂର୍ଣ୍ଣଜ୍ଞ ହୋଇଥିବେ ଏବଂ ଚକ୍ଷୁ ନିର୍ମାଣର ପ୍ରଣାଳୀ, ତାହାର ସାମଗ୍ରୀ ଓ ତା'ର ପ୍ରୟୋଜନବତ୍ତା ବା ଆବଶ୍ୟକତା କ'ଣ ସେ ବିଷୟରେ ଜାଣିଥିବେ । ଆପଣ ଚଷମା ତିଆରି କରୁଥିବା ଲୋକଙ୍କୁ ଦେଖୁଥିବେ ? ସେମାନେ କେଉଁ-କେଉଁ ବିଜ୍ଞାନ (ବିଦ୍ୟା)କୁ ଜାଣନ୍ତି ଏକଥା ଆପଣ ଜାଣନ୍ତି । ଚଷମାର ନିର୍ମାଣ ତ ଚକ୍ଷୁକୁ ଦେଖି ହିଁ କରାଯାଇଛି । ଚଷମା ଏକ ପ୍ରକାରରେ ଚକ୍ଷୁର ସହାୟକ ଅଟେ। ଯଦି ଚଷମା ତିଆରି ପାଇଁ ଜ୍ଞାନର ଆବଶ୍ୟକ ତା ଅଛି, ତେବେ ମୂଳ ଚକ୍ଷୁର ନିର୍ମାତା କେତେ ବଡ଼ ଜ୍ଞାନୀ ହୋଇଥିବେ ଏହା ବିଚାର କରିବା ପାଇଁ ପ୍ରଯତ୍ନ କରନ୍ତୁ ।

**ତ୍ୱମଗ୍ନେ ପ୍ରଥମୋ ଅଙ୍ଗିରସ୍ତମଃ କବିର୍ଦ୍ଦେବାନାଂ ପରି ଭୂଷସି ବ୍ରତମ୍ । ବିଭୁର୍ବିଶ୍ୱସ୍ମୈଭୁବନାୟ ମେଧିରୋ ଦ୍ୱିମାତା ଶୟୁଃ କତିଧା ଚିଦାୟବେ ॥**

(ଋକ୍.୧:୩୧:୨)

ହେ ପ୍ରକାଶସ୍ୱରୂପ ପରମାତ୍ମନ୍ ! ଆପଣ ସମସ୍ତ ଜ୍ଞାନୀମାନଙ୍କଠାରୁ ମଧ୍ୟ ବଡ଼ ଜ୍ଞାନୀ ଅଟନ୍ତି । ଆପଣ ଦେବ ଅର୍ଥାତ୍ ସମସ୍ତ ବିଦ୍ୱାନ୍ ଲୋକଙ୍କ ବ୍ରତ ବା ସଂକଳ୍ପକୁ ଅଳଂକୃତ କରନ୍ତି । ଆପଣ ବିଭୁ ଅର୍ଥାତ୍ ସର୍ବବ୍ୟାପକ । ଆପଣ ସକଳ ସୃଷ୍ଟିର ଜ୍ଞାନ ଧାରଣକର୍ତ୍ତା । ଆପଣ ଦ୍ୟୁଲୋକ ଓ ପୃଥିବୀଲୋକର ନିର୍ମାତା । ଆପଣ ମାନବଙ୍କ ନିମନ୍ତେ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟଜନକ ବସ୍ତୁ ନିର୍ମାଣ କରନ୍ତି ଯାହା ଆମ ଜ୍ଞାନର ପରିସରର ବି ବାହାରେ ।

ଈଶ୍ୱର ସୃଷ୍ଟିକୁ କିପରି ନିର୍ମାଣ କରନ୍ତି —ଏହି ତଥ୍ୟର ପ୍ରତିପାଦକ ହେଲା ଋଗ୍‌ବେଦର ୧୦ମ ମଣ୍ଡଳର ୮୨ତମ ସୂକ୍ତ । ଏଥିରେ ଈଶ୍ୱରଙ୍କୁ ବିଶ୍ୱକର୍ମା ଅର୍ଥାତ୍ ଜଗତର ନିର୍ମାତା ବୋଲି କୁହାଯାଇଛି । ଏହି ସୂକ୍ତରେ ଈଶ୍ୱରଙ୍କ ଗୁଣର ବର୍ଣ୍ଣନା ଅତି ସୁନ୍ଦର ଭାବରେ କରାଯାଇଛି ।

**ଚକ୍ଷୁଷଃ ପିତା ମନସା ହି ଧୀରୋ ଘୃତମେନେ ଅଜନନ୍ନମ୍ନମାନେ । ଯଦେଦନ୍ତା ଅଦଦୃହନ୍ତ ପୂର୍ବେ ଆଦି ଦଦ୍ଧ୍ୟାବାପୃଥିବୀ ଅପ୍ରଥେତାମ୍ ॥**

(ଋକ୍. ୧୦:୮୨:୧)

ଚକ୍ଷୁଷଃ । ପିତା ମନସା । ହି । ଧୀରଃ ଘୃତମ୍ । ଏନେ । ଅଜନତ୍ । ନମ୍ନମାନେ । ଯଦା । ଇତ୍ । ଅନ୍ତାଃ । ଅଦଦୃହନ୍ତା । ପୂର୍ବେ । ଆତ୍ । ଇତ୍ । ଦ୍ୟାବାପୃଥିବୀ । ଅପ୍ରଥେତାମ୍ ॥

ଇନ୍ଦ୍ରିୟଗୁଡ଼ିକର ପାଳକ ଏବଂ ମନନଶୀଳ ପରମାତ୍ମା ଏଣେ-ତେଣେ ବୋହି ଯାଉଥିବା ଅର୍ଥାତ୍ ଅନିଶ୍ଚିତ ଆକୃତିସମ୍ପନ୍ନ ଜଳକୁ ଉତ୍ପନ୍ନ କଲେ । ତତ୍ ପରେ ବସ୍ତୁ ଗୁଡ଼ିକର ଆଗପଛ ସୀମା ନିର୍ଦ୍ଧାରଣ ହେଲା ଏବଂ ଦ୍ୟୁ ତଥା ପୃଥିବୀ ନିଜ ନିଜ ରୂପରେ ଆବିର୍ଭୂତ ହେଲେ ।

ଭାବାର୍ଥ ହେଲା ଯେପରି ଅଣ୍ଡାରେ ପ୍ରଥମେ ତରଳ ପଦାର୍ଥ ନିର୍ମିତ ହୁଏ, ତତ୍‌ପରେ ସେଥିରେ ପକ୍ଷୀର ଶରୀରର ସୀମା ବା ଆକାର ନିଶ୍ଚିତ ହୋଇ ଶରୀରାବୟବ ଗଠନ ହୋଇଥାଏ, ସେହିପରି ବିଶ୍ୱକର୍ମା ପ୍ରଥମେ ତରଳ ପଦାର୍ଥ ଉତ୍ପନ୍ନ କରି ତା'ପରେ ସମସ୍ତ ପଦାର୍ଥର ସୀମା ବା ଆକାର ନିର୍ଦ୍ଧାରଣ କରିଦେଲେ ଏବଂ ଦ୍ୟୁଲୋକ ତଥା ପୃଥିବୀ ଲୋକ ଆଦି ନିର୍ମାଣ ହେଲା —

**ବିଶ୍ୱକର୍ମା ବିମନା ଆଦ୍‌ବିହାୟା ଧାତା ବିଧାତା ପରମୋତ ସଂଦୃକ୍ । ତେଷାମିଷ୍ଟାନି ସମିଷା ମଦନ୍ତି ଯତ୍ରା ସପ୍ତରଷୀନ୍‌ପର ଏକମାହୁଃ ॥**

(ଋକ୍. ୧୦:୮୨:୨)

ବିଶ୍ୱକର୍ମା । ବିମନା । ଆଦ୍ । ବିହାୟା । ଧାତା । ବିଧାତା । ପରମ । ଉତା ସଂଦୃକ୍ । ତେଷାଂ । ଇଷ୍ଟାନି । ସମ୍ । ଇଷା । ମଦନ୍ତି । ଯତ୍ରା ଆ । ସପ୍ତରଷୀନ୍ ପରଃ । ଏକମ୍ ଆହୁଃ ॥

ସେହି ପରମାତ୍ମା ବିଶ୍ୱକର୍ମା ଅର୍ଥାତ୍ ସଂସାରର ନିର୍ମାତା, ବିମନା ଅର୍ଥାତ୍ ବିଶେଷ ଜ୍ଞାନବାନ୍, ବିଭିନ୍ନ ପ୍ରକାରର ସୁକୃତ ଓ ଦୁଷ୍କୃତ କର୍ମର ଫଳ ପ୍ରଦାତା, ଧାତା, ବିଧାତା ଓ ସମସ୍ତଙ୍କ ଦ୍ରଷ୍ଟା ଅଟନ୍ତି । ସପ୍ତଋଷି ରୂପୀ ଇନ୍ଦ୍ରିୟଗୁଡ଼ିକ ସେହି ଏକ ପ୍ରଭୁଙ୍କଠାରୁ ପ୍ରେରଣା ପ୍ରାପ୍ତ କରନ୍ତି ଏବଂ ପରମାତ୍ମାଙ୍କର ପ୍ରଦତ୍ତ ଇଷା(ଅନ୍ନ) ବା ପୁଷ୍ଟିକାରକ ସାମଗ୍ରୀ ଦ୍ୱାରା ହିଁ ସେମାନଙ୍କର ପୁଷ୍ଟି ସାଧନ ହୁଏ ।

ଅର୍ଥାତ୍ ଈଶ୍ୱର ଅନନ୍ତ ଜ୍ଞାନବାନ୍ ଏବଂ ସମସ୍ତଙ୍କ ଦ୍ରଷ୍ଟା ଅଟନ୍ତି । ସେହି ଏକ ଈଶ୍ୱରଙ୍କଠାରୁ ଇନ୍ଦ୍ରିୟଗୁଡ଼ିକୁ ପ୍ରେରଣା ମିଳିଥାଏ ଏବଂ ସେ ହିଁ ଏମାନଙ୍କୁ ଅନେକ ପ୍ରକାର ସାମଗ୍ରୀ ଦ୍ୱାରା ପୁଷ୍ଟ କରିଥାନ୍ତି ।

**ଯୋ ନଃ ପିତା ଜନିତା ଯୋ ବିଧାତା ଧାମାନି ବେଦ ଭୁବନାନି ବିଶ୍ୱା । ଯୋ ଦେବାନାଂ ନାମାଧା ଏକ ଏବ ତଂ ସଂପ୍ରଶ୍ନଂ ଭୁବନା ଯନ୍ତ୍ୟନ୍ୟା ॥**

(ଋକ୍.୧୦:୮୨:୩)

**ଯଃ । ନଃ । ପିତା । ଜନିତା । ଯଃ । ବିଧାତା । ଧାମାନି । ବେଦ । ଭୁବନାନି । ବିଶ୍ୱା । ଯଃ । ଦେବାନାଂ । ନାମଧା । ଏକ । ଏବ । ତଂ । ସଂପ୍ରଶ୍ନଂ । ଭୁବନା । ଯନ୍ତି । ଅନ୍ୟା ॥**

ଯିଏ ଆମର ପାଳକ, ଉତ୍ପାଦକ ଓ ବିଧାତା ଅଟନ୍ତି, ଯିଏ ସକଳ ଭୁବନ ଓ ଧାମକୁ ଜାଣନ୍ତି, ଯିଏ ଏକାକୀ ଦିବ୍ୟଗୁଣଯୁକ୍ତ ବସ୍ତୁଗୁଡ଼ିକର ନାମ ରଖନ୍ତି, ତାହାଙ୍କୁ ଅନ୍ୟ ଭୁବନ ପଚାରି ପ୍ରାପ୍ତ ହୋଇଥାଆନ୍ତି ।

ଅର୍ଥାତ୍ ଈଶ୍ୱର ସୃଷ୍ଟି ରଚନା କଲେ । ସେ ହିଁ ଏହାକୁ ପାଳନ କରୁଛନ୍ତି । ସେ ହିଁ ଧାରକ ଅଟନ୍ତି ଏବଂ ସେ ହିଁ ସମସ୍ତ ଦିବ୍ୟ ପଦାର୍ଥର ନାମକରଣ କରିଛନ୍ତି ଅର୍ଥାତ୍ ଭାଷାର ପ୍ରାରମ୍ଭିକ ଜ୍ଞାନ ଈଶ୍ୱର ହିଁ ଦେଇଛନ୍ତି । ଯିଏ ତାଙ୍କର ଅନ୍ୱେଷଣ କରନ୍ତି, ତାଙ୍କୁ ସେ ପ୍ରାପ୍ତ ହୁଅନ୍ତି ।

**ତ ଆୟଜନ୍ତ ଦ୍ରବିଣଂ ସମସ୍ମା ରଷୟଃ ପୂର୍ବେ ଜରିତାରୋ ନ ଭୂନା । ଅସୂର୍ତେ ସୂର୍ତେ ରଜସି ନିଷତ୍ତେ ଯେ ଭୂତାନି ସମକୃଣ୍ୱ ନ୍ନିମାନି ॥**

(ଋକ୍. ୧୦:୮୨:୪)

ତେ ଆ । ଅୟଜନ୍ତ । ଦ୍ରବିଣଂ । ସମ । ଅସ୍ମୈ । ରଷୟଃ । ପୂର୍ବେ । ଜରିତାରଃ । ନ । ଭୂନା । ଅସୂର୍ତେ । ସୂର୍ତେ । ରଜସି । ନିଷତ୍ତେ । ଯେ । ଭୂତାନି । ସମ୍ । ଅକୃଣ୍ୱନ୍ । ଇମାନି ॥

ଯେଉଁ ପୂର୍ବ ଋଷିମାନେ ସ୍ଥାବର-ଜଙ୍ଗମ ବସ୍ତୁମାନଙ୍କୁ ନେଇ ପ୍ରାଥମିକ ଅବସ୍ଥାରେ ଏହି ପଦାର୍ଥଗୁଡ଼ିକୁ ତିଆରି କଲେ, ସେମାନେ ସ୍ତୋତାଙ୍କ ପରି ସେହି ଈଶ୍ୱରଙ୍କୁ ସ୍ତୁତି କରି ସମସ୍ତ ପ୍ରାପ୍ତ ସାମଗ୍ରୀ ଦ୍ୱାରା ଯଜ୍ଞ କଲେ ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

ସତ୍ୟାର୍ଥ ପ୍ରକାଶ:

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ମହର୍ଷି ଦୟାନନ୍ଦ ସରସ୍ୱତୀ

ପୂର୍ବାନୁକ୍ରମିକ...

### ଅଦ୍ୱୈତବାଦ

ଦୁଇ ହଜାର ଦୁଇଶହ ବର୍ଷ ପୂର୍ବେ ଦାକ୍ଷିଣାତ୍ୟର ଦ୍ରବିଡ଼ ଦେଶରେ ଶଙ୍କରାଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ସେ ବ୍ରହ୍ମଚର୍ଯ୍ୟ ପୂର୍ବକ ବ୍ୟାକରଣାଦି ଅନେକ ଶାସ୍ତ୍ର ଅଧ୍ୟୟନ କରି ବିଚାର କଲେ କି — 'ଆହା ! ସତ୍ୟ ଆସ୍ତିକ ବେଦମତର ବିଲୋପ ଘଟିବା ଏବଂ ନାସ୍ତିକ ଜୈନମତର ପ୍ରସାର ଘଟିବା ଅତ୍ୟନ୍ତ ହାନିକାରକ କଥା ହୋଇଛି, ଏହାକୁ ହଟେଇବା ଆବଶ୍ୟକ ।' ଶଙ୍କରାଚାର୍ଯ୍ୟ ବୈଦିକ ଶାସ୍ତ୍ର ଅଧ୍ୟୟନ ତ କରିଥିଲେ, ତା' ସାଙ୍ଗକୁ ଜୈନମତର ପୁସ୍ତକ ମଧ୍ୟ ପଢ଼ିଥିଲେ । ସେ ଅକାଟ୍ୟ ଯୁକ୍ତି ମଧ୍ୟ ଉପସ୍ଥାପନ କରିପାରୁଥିଲେ । ସେ ବହୁତ ଚିନ୍ତା କଲେ ଯେ ଏମାନଙ୍କୁ କିପରି ହଟେଇ ହେବ ? ଅନ୍ତିମରେ ନିର୍ଣ୍ଣୟ ନେଲେ ଯେ ଉପଦେଶ ଓ ଶାସ୍ତ୍ରାର୍ଥ କରିବା ଦ୍ୱାରା ଏମାନଙ୍କୁ ହଟେଇ ହେବ । ଏହା ସ୍ଥିର କରି ଉଜ୍ଜୟିନୀକୁ ଗଲେ । ସେତେବେଳେ ଉଜ୍ଜୟିନୀରେ ରାଜା ଥିଲେ ସୁଧନ୍ୱା । ସେହି ରାଜା ଜୈନମତର ଗ୍ରନ୍ଥ ସାଙ୍ଗକୁ ସଂସ୍କୃତ ମଧ୍ୟ କିଛି-କିଛି ପଢ଼ିଥିଲେ । ଶଙ୍କରାଚାର୍ଯ୍ୟ ଉଜ୍ଜୟିନୀକୁ ଯାଇ ଉପଦେଶ ଦେବାକୁ ଲାଗିଲେ ଏବଂ ରାଜାଙ୍କ ସହ ସାକ୍ଷାତ କରି କହିଲେ କି — "ଆପଣ ସଂସ୍କୃତ ସାଙ୍ଗକୁ ଜୈନମତର ଗ୍ରନ୍ଥ ବି ପଢ଼ିଛନ୍ତି, ଜୈନମତକୁ ଗ୍ରହଣ କରିଛନ୍ତି । ଏଣୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଜୈନମତର ପଣ୍ଡିତଙ୍କ ସହ ମୋର ଶାସ୍ତ୍ରାର୍ଥର ବ୍ୟବସ୍ଥା କରନ୍ତୁ ଏହି ସର୍ତ୍ତ ସହିତ ଯେ — 'ଯିଏ ହାରିବ ସିଏ ଜିତିବା ଲୋକର ମତକୁ ସ୍ୱୀକାର କରିବ ଏବଂ ଆପଣ ମଧ୍ୟ ବିଜେତାର ମତକୁ ଗ୍ରହଣ କରିବେ ।"

ଯଦ୍ୟପି ସୁଧନ୍ୱା ଜୈନ ମତାବଲମ୍ବୀ ଥିଲେ, ତଥାପି ସଂସ୍କୃତ ଗ୍ରନ୍ଥ ଅଧ୍ୟୟନ କରିଥିବାରୁ ତାଙ୍କର ବୁଦ୍ଧିରେ ବିଦ୍ୟାର କିଛି ପ୍ରକାଶ ଥିଲା, ତାଙ୍କ ଜ୍ଞାନନେତ୍ର କିଛି ଖୋଲିଯାଇଥିଲା, ତାଙ୍କ ମନରେ ଅତ୍ୟନ୍ତ ପଶୁତ୍ୱ ଛାଇ ହୋଇ ରହିନଥିଲା । **କାରଣ ଯିଏ ବାସ୍ତବରେ ବିଦ୍ୱାନ୍ ହୁଏ, ସିଏ ସତ୍ୟ ଓ ଅସତ୍ୟର ପରୀକ୍ଷା କରି ସତ୍ୟକୁ ସ୍ୱୀକାର କରେ ଓ ଅସତ୍ୟକୁ ପରିତ୍ୟାଗ କରିଦିଏ ।** ସେ ପର୍ଯ୍ୟନ୍ତ ସୁଧନ୍ୱାଙ୍କୁ କୌଣସି ବଡ଼ ବିଦ୍ୱାନ୍ ଉପଦେଶକ ମିଳିନଥିଲେ, ତେଣୁ ସେ ସନ୍ଦେହରେ ଥିଲେ କି ଏ ଉଭୟ ମଧ୍ୟରୁ କେଉଁ ମତ ସତ୍ୟ ଓ କେଉଁଟି ଅସତ୍ୟ ? ବର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କ ପ୍ରସ୍ତାବ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ ଓ ପ୍ରତିଶ୍ରୁତି ଦେଲେ ଯେ, 'ମୁଁ ଶାସ୍ତ୍ରାର୍ଥ କରାଇ ନିଶ୍ଚିତ ରୂପେ ସତ୍ୟାସତ୍ୟର ନିର୍ଣ୍ଣୟ କରାଇବି ।'

ତା' ପରେ ସୁଧନ୍ୱା ଦୂରଦୂରାନ୍ତରୁ ଜୈନ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ଶାସ୍ତ୍ରାର୍ଥର ଆୟୋଜନ କଲେ । ସେଥିରେ ଶଙ୍କରାଚାର୍ଯ୍ୟଙ୍କ କାମ ଥିଲା ବେଦମତର ସ୍ଥାପନା ଓ ଜୈନ ଆଚାର୍ଯ୍ୟମାନଙ୍କ କାର୍ଯ୍ୟ ଥିଲା ବେଦବିରୁଦ୍ଧ ମତର ପୁଷ୍ଟି କରିବା । ଅର୍ଥାତ୍ ଶଙ୍କରାଚାର୍ଯ୍ୟଙ୍କ କାମ ଥିଲା ବେଦମତର ସ୍ଥାପନା ଓ ଜୈନମତର ଖଣ୍ଡନ; ଏବଂ ଅନ୍ୟପକ୍ଷରେ ଜୈନ ପଣ୍ଡିତଙ୍କ ପକ୍ଷ ଥିଲା ନିଜ ମତର ସ୍ଥାପନା ଓ ବେଦମତର ଖଣ୍ଡନ । ଶାସ୍ତ୍ରାର୍ଥ ଅନେକ ଦିନ ଧରି

ଚାଲିଲା । ଜୈନମାନଙ୍କ ମତ ଥିଲା — 'ସୃଷ୍ଟିକର୍ତ୍ତା ରୂପେ କୌଣସି ଅନାଦି ଈଶ୍ୱର ନାହାନ୍ତି; ଏ ଜଗତ ଓ ଜୀବ ଉଭୟେ ଅନାଦି, ଏ ଦୁଇଟିର ଉତ୍ପତ୍ତି ଓ ବିନାଶ ନାହିଁ ।' ଏହାର ବିରୁଦ୍ଧରେ ଶଙ୍କରାଚାର୍ଯ୍ୟ ମତ ଉପସ୍ଥାପନା କଲେ — 'ଅନାଦି ସ୍ୱତଃସିଦ୍ଧ ପରମାତ୍ମା ହିଁ ଜଗତର କର୍ତ୍ତା । ଏ ଜଗତ ଓ ଜୀବ ଉଭୟ ମିଥ୍ୟା । କାରଣ ସେହି ପରମେଶ୍ୱର ନିଜ ମାୟାରେ ଜଗତ ରଚନା କରିଛନ୍ତି, ସେ ହିଁ ସଂସାରର ଧାରଣକର୍ତ୍ତା ଓ ପ୍ରଳୟକର୍ତ୍ତା । ଏ ଜୀବ ଓ ଜଗତ ସ୍ୱପ୍ନବତ୍; ପରମେଶ୍ୱର ନିଜେ ହିଁ ସମସ୍ତ ରୂପ ଧାରଣ କରି ଲୀଳା କରୁଛନ୍ତି ।'

ବହୁତ ଦିନ ପର୍ଯ୍ୟନ୍ତ ଶାସ୍ତ୍ରାର୍ଥ ଚାଲିଲା । ପରିଶେଷରେ ଯୁକ୍ତି ଓ ପ୍ରମାଣ ଦ୍ୱାରା ଜୈନମାନଙ୍କ ମତ ଖଣ୍ଡିତ ହେଲା ଓ ଶଙ୍କରାଚାର୍ଯ୍ୟଙ୍କ ମତର ମଣ୍ଡନ ହେଲା । ତେଣୁ ଜୈନ ପଣ୍ଡିତମାନେ ଓ ସୁଧନ୍ୱା ରାଜା ଜୈନମତ ପରିତ୍ୟାଗ କରି ବେଦମତକୁ ସ୍ୱୀକାର କରିନେଲେ । ଏତଦ୍ୱାରା ଚାରିଆଡ଼େ ହୁଲସ୍ଥୁଲ ହୋଇଗଲା । ସୁଧନ୍ୱା ନିଜ ମିତ୍ର ରାଜାମାନଙ୍କୁ ପତ୍ର ଲେଖି ସେମାନଙ୍କ ରାଜ୍ୟରେ ଶଙ୍କରାଚାର୍ଯ୍ୟଙ୍କ ସହ ଜୈନ ପଣ୍ଡିତଙ୍କ ଶାସ୍ତ୍ରାର୍ଥ କରାଇଲେ । କିନ୍ତୁ ଜୈନ ମତର ସୂର୍ଯ୍ୟ ଅସ୍ତମିତ ହେବାକୁ ଆରମ୍ଭ କରିଥିଲା, ସେମାନେ ସର୍ବତ୍ର ପରାଜିତ ହେବାକୁ ଲାଗିଲେ ।

ତା'ପରେ ଆର୍ଯ୍ୟାବର୍ତ୍ତରେ ପୁନଃ ବୈଦିକ ଧର୍ମ ପ୍ରଚାର-ପ୍ରସାରର ସୂତ୍ରପାତ ହେଲା । ଶଙ୍କରାଚାର୍ଯ୍ୟ ସମଗ୍ର ଆର୍ଯ୍ୟାବର୍ତ୍ତରେ ଭ୍ରମଣ କରି ବେଦମତର ପ୍ରଚାର କଲେ । ତାଙ୍କର ଭ୍ରମଣର ସକଳ ବ୍ୟବସ୍ଥା ସୁଧନ୍ୱା ଓ ଅନ୍ୟାନ୍ୟ ରାଜାମାନେ କଲେ ଏବଂ ତାଙ୍କର ସୁରକ୍ଷାଦି ନିମନ୍ତେ ଚାକର-ବାକର ପ୍ରଭୃତି ଯୋଗାଇ ଦେଲେ । ସମସ୍ତଙ୍କର ଯଜ୍ଞୋପବୀତ ଧାରଣ ଓ ବେଦର ପଠନ-ପାଠନ ବି ପ୍ରଚଳିତ ହେଲା । ଶଙ୍କରାଚାର୍ଯ୍ୟ ପ୍ରାୟ ଦଶ ବର୍ଷ ପର୍ଯ୍ୟନ୍ତ ଆର୍ଯ୍ୟାବର୍ତ୍ତରେ ସର୍ବତ୍ର ଭ୍ରମଣ କରି ଜୈନମତର ଖଣ୍ଡନ ଓ ବୈଦିକ ଧର୍ମର ମଣ୍ଡନ କଲେ । ଜୈନମତ ହ୍ରାସ ପାଇବା ସାଙ୍ଗକୁ ତାଙ୍କର ମୂର୍ତ୍ତିଗୁଡ଼ିକ ବି ଧ୍ୱଂସ ପାଇବାକୁ ଲାଗିଲା । ଆଜି ମାଟିତଳୁ ଜୈନମାନଙ୍କର ଯେତିକି ଭଙ୍ଗା ମୂର୍ତ୍ତିସବୁ ବାହାରୁଛି, ସେସବୁ ଶଙ୍କରାଚାର୍ଯ୍ୟଙ୍କ ସମୟରେ ଭାଙ୍ଗିଥିଲା । ଆଉ ଯେତିକି ଅଭଙ୍ଗା ମୂର୍ତ୍ତିସବୁ ମାଟିତଳୁ ବାହାରୁଛି, ସେସବୁକୁ ଜୈନମାନେ ମାଟିରେ ପୋତିଦେଇଥିଲେ ଯେମିତିକି କେହି ଭାଙ୍ଗି ପାରିବେ ନାହିଁ । ବର୍ତ୍ତମାନ ମଧ୍ୟ ଭୂମିଖନନ ସମୟରେ  କେତେକ ସ୍ଥାନରୁ ସେସବୁ ବାହାରୁଛି ।

ଶଙ୍କରାଚାର୍ଯ୍ୟଙ୍କ ପୂର୍ବରୁ ଏ ଦେଶରେ ଶୈବମତର ମଧ୍ୟ କିଛି ପରିମାଣରେ ପ୍ରଚାର ଥିଲା । ସେ ତା'ର ଖଣ୍ଡନ କଲେ । ବାମମାର୍ଗର ବି ପ୍ରଚାର ଥିଲା । ତା'ର ବି ଖଣ୍ଡନ କଲେ । ସେ ସମୟରେ ଏହି ଦେଶରେ ବହୁତ ଧନସମ୍ପତ୍ତି ଥିଲା ଓ ଲୋକଙ୍କ ଭିତରେ ସ୍ୱଦେଶ ଭକ୍ତି ମଧ୍ୟ ଥିଲା । ଶଙ୍କରାଚାର୍ଯ୍ୟ ଓ ସୁଧନ୍ୱା ଜୈନମାନଙ୍କ ମନ୍ଦିରଗୁଡ଼ିକୁ ଭାଙ୍ଗି ନ ଥିଲେ; କାରଣ ସେସବୁରେ ବେଦାଦିର ବିଦ୍ୟାଳୟ ଖୋଲିବା ସେମାନଙ୍କର ଇଚ୍ଛା ଥିଲା । ଯେତେବେଳେ ଦେଶରେ ସର୍ବତ୍ର ବେଦମତର ପୁନଃ ପ୍ରତିଷ୍ଠା ହୋଇଗଲା, ତା'ପରେ ବିଦ୍ୟା ପ୍ରଚାର-ପ୍ରସାରର ସ୍ଥାୟୀ ଯୋଜନାକୁ ମୂର୍ତ୍ତରୂପ ଦେବାକୁ ବିଚାର କରୁଥିଲେ, ସେହି ସମୟରେ ଦୁଇ ଜଣ ଜୈନ, ଯେଉଁମାନେ ଉପରକୁ ଲୋକଙ୍କୁ ଦେଖାଇବାକୁ ବେଦମତ ଗ୍ରହଣ କରିଥିଲେ କିନ୍ତୁ ଭିତରେ ଦୃଢ଼ ଜୈନମତବାଦୀ ଥିଲେ, ଅର୍ଥାତ୍ କପଟ ମୁନି ଥିଲେ, ତାଙ୍କ ଉପରେ ଶଙ୍କରାଚାର୍ଯ୍ୟ ଅତ୍ୟନ୍ତ ପ୍ରସନ୍ନ ଥିଲେ ଓ ଅତିବିଶ୍ୱାସ କରୁଥିଲେ, ସେ ଦୁହେଁ ସୁଯୋଗ ଦେଖି ବିଶ୍ୱାସଘାତକତା କରି ଶଙ୍କରାଚାର୍ଯ୍ୟଙ୍କୁ ଏପରି ବିଷମିଶ୍ରିତ ଖଦ୍ୟ ଖୁଆଇ ଦେଲେ ଯଦ୍ୱାରାକି ଦିନକୁ ଦିନ ତାଙ୍କର କ୍ଷୁଧା କମିଗଲା । ଅଗ୍ନିମାନ୍ଦ୍ୟ ସାଙ୍ଗକୁ ଶରୀରରେ ସର୍ବତ୍ର ବଥ-ଘା ହୋଇ ଛଅ ମାସ ମଧ୍ୟରେ ତାଙ୍କର ଦେହାନ୍ତ ହୋଇଗଲା । ତଦ୍ୱାରା ସମସ୍ତେ ନିରୁତ୍ସାହିତ ହୋଇଗଲେ ଏବଂ ବେଦ-ବିଦ୍ୟାର ପ୍ରଚାର-ପ୍ରସାର ପାଇଁ ଯେଉଁ ବ୍ୟାପକ ଯୋଜନା କରାଯାଇଥିଲା, ତାହା କ୍ରିୟାନ୍ୱିତ ହୋଇପାରିଲା ନାହିଁ ।

ଶଙ୍କରାଚାର୍ଯ୍ୟ 'ଶାରୀରକ-ଭାଷ୍ୟ' ଆଦି ଯେଉଁ ସବୁ ଗ୍ରନ୍ଥ ରଚନା କରିଥିଲେ, ତାଙ୍କ ପରେ ତାଙ୍କ ଶିଷ୍ୟମାନେ ସେସବୁର ପ୍ରଚାର କରିବାକୁ ଲାଗିଲେ । ଅର୍ଥାତ୍ ଜୈନମତର ଖଣ୍ଡନ ନିମନ୍ତେ ସେ 'ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା ଏବଂ ଜୀବ ଓ ବ୍ରହ୍ମର ଏକତ୍ୱ' ରୂପକ ଯେଉଁ କଥନ କରିଥିଲେ, ଶିଷ୍ୟମାନେ ତା'ର ଉପଦେଶ କରିବାକୁ ଲାଗିଲେ । ଦକ୍ଷିଣରେ ଶୃଙ୍ଗେରୀ, ପୂର୍ବରେ ଭୂଗୋବର୍ଦ୍ଧନ, ଉତ୍ତରରେ ଜୋଶୀ ଏବଂ ଦ୍ୱାରିକାରେ ଶାରଦା ମଠ ସ୍ଥାପନ କରି ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଗଣ ମହନ୍ତ ହୋଇ ଓ ଧନସମ୍ପତ୍ତିର ଅଧିକାରୀ ହୋଇ ଆନନ୍ଦରେ ସମୟ ଅତିବାହିତ କରିବାକୁ ଲାଗିଲେ । କାରଣ ଶଙ୍କରାଚାର୍ଯ୍ୟଙ୍କ ପରେ ତାଙ୍କ ଶିଷ୍ୟମାନଙ୍କୁ ସମାଜରେ ବହୁତ ମାନ-ପ୍ରତିଷ୍ଠା ମିଳିବାକୁ ଲାଗିଲା ।

ବର୍ତ୍ତମାନ ଶଙ୍କରାଚାର୍ଯ୍ୟଙ୍କ ଏ କଥନ **'ଜଗତ୍ ମିଥ୍ୟା ଏବଂ ଜୀବ ଓ ବ୍ରହ୍ମ ଏକ ତତ୍ତ୍ୱ'** ବିଷୟରେ ଆଲୋଚନା କରିବା । ଏହା ଯଦି ଶଙ୍କରାଚାର୍ଯ୍ୟଙ୍କ ସ୍ୱ ସ୍ଥିର ସିଦ୍ଧାନ୍ତ, ତେବେ ଏ ବିଚାର ଠିକ୍ ନୁହେଁ । ଆଉ ଯଦି ଜୈନମତର ଖଣ୍ଡନ ନିମନ୍ତେ ସେ ନିଜ ମତ ରୂପେ ଏହି ବିଚାର ଉପସ୍ଥାପନ କରିଥିଲେ, ଅର୍ଥାତ୍ ଜୈନମାନେ ଈଶ୍ୱର ସତ୍ତାକୁ ଅସ୍ୱୀକାର କରୁଥିବାରୁ ତା'ର ବିପକ୍ଷରେ 'ଈଶ୍ୱର ହିଁ ଅଛନ୍ତି, ଆଉ କିଛି ନାହିଁ' ବୋଲି ସେ କହିଥିଲେ, ତେବେ ଏହି କାର୍ଯ୍ୟକୁ କେତେକାଂଶରେ ଠିକ୍ ବୋଲି କୁହାଯାଇପାରେ ।

## ଅଦ୍ୱୈତବାଦ ସମୀକ୍ଷା

ନବୀନ ବେଦାନ୍ତୀମାନଙ୍କର ମତ ହେଉଛି —

**ନବୀନ ବେଦାନ୍ତୀ —** ଜଗତ ସ୍ୱପ୍ନବତ୍ । ରଜ୍ଜୁରେ ସର୍ପ, ଶାମୁକାରେ ରୁପା, ମୃଗତୃଷ୍ଣାରେ ଜଳ, ଗନ୍ଧର୍ବ ନଗର, ଇନ୍ଦ୍ରଜାଲ ଭଳି ଏ ସଂସାର ମିଥ୍ୟା ଅଟେ । ଏକମାତ୍ର ବ୍ରହ୍ମ ହିଁ ସତ୍ୟ ।

**ସିଦ୍ଧାନ୍ତୀ —** ତୁମେ 'ମିଥ୍ୟା' ବୋଲି କାହାକୁ କହୁଛ ?

**ନବୀନ ବେଦାନ୍ତୀ —** ଯେଉଁ ବସ୍ତୁ ନ ଥାଏ, କିନ୍ତୁ ଥିଲା ଭଳି ପ୍ରତୀତ ହୋଇଥାଏ ।

**ସିଦ୍ଧାନ୍ତୀ —** ଯେଉଁ ବସ୍ତୁ ନାହିଁ, ତାହା ଥିବା ପରି କିପରି ପ୍ରତୀତ ହୋଇପାରିବ ?

**ନବୀନ — 'ଅଧ୍ୟାରୋପ'** ଦ୍ୱାରା ।

**ସିଦ୍ଧାନ୍ତୀ — 'ଅଧ୍ୟାରୋପ'** କାହାକୁ କହୁଛ ?

**ନବୀନ — ବସ୍ତୁନ୍ୟବସ୍ତ୍ୱାରୋପଣମଧ୍ୟାସଃ ।** (ସଦାନନ୍ଦ ବିରଚିତ ବେଦାନ୍ତସାର. ଖ୬)

**ଅଧ୍ୟାରୋପାପବାଦାଭ୍ୟାଂ ନିଷ୍ପ୍ରପଞ୍ଚଂ ପ୍ରପଞ୍ଚ୍ୟତେ ।**

(ବିଦ୍ୟାରଣ୍ୟବିରଚିତ ଅନୁଭୂତିପ୍ରକାଶ. ୧ : ୧୮)

କୌଣସି ଗୋଟିଏ ପଦାର୍ଥରେ ଅବସ୍ତୁର ଆରୋପଣ, କଳ୍ପନାକୁ **'ଅଧ୍ୟାସ'** ବା **'ଅଧ୍ୟାରୋପ'** କୁହାଯାଏ; ଏବଂ ସେହି ଅଧ୍ୟାରୋପର ନିରାକରଣ କରିବାକୁ **'ଅପବାଦ'** କୁହାଯାଏ । ଅଧ୍ୟାରୋପ ଓ ଅପବାଦ ଏ ଦୁଇଟି ଦ୍ୱାରା ପ୍ରପଞ୍ଚ ରହିତ ବ୍ରହ୍ମରେ ପ୍ରପଞ୍ଚରୂପକ ଜଗତ ବିସ୍ତାର କରାଯାଏ ।

**ସିଦ୍ଧାନ୍ତୀ —** ତୁମେ ରଜ୍ଜୁକୁ ବସ୍ତୁ ଓ ସର୍ପକୁ ଅବସ୍ତୁ ବୋଲି ମାନିବାରୁ ଏହି ଭ୍ରମଜାଲରେ ପଡ଼ିଅଛ । କ'ଣ ସର୍ପ ବସ୍ତୁ ନୁହେଁ ? ଯଦି କୁହ ଯେ ରଜ୍ଜୁରେ ତ ସର୍ପ ନାହିଁ, ତେବେ ସର୍ପ ତ ଅନ୍ୟତ୍ର ଅଛି ଏବଂ କେବଳ ତା'ର ସଂସ୍କାର ଆମ ହୃଦୟରେ ଅଛି । ତେଣୁ ସର୍ପ ମଧ୍ୟ ଅବସ୍ତୁ ହୋଇ ରହିଲା ନାହିଁ । ସେହିପରି ଖୁଣ୍ଟରେ ମଣିଷ, ଶାମୁକାରେ ରୁପା ପ୍ରଭୃତି ଦୃଷ୍ଟାନ୍ତ ବିଷୟରେ ବୁଝିନେବା ଉଚିତ । ତା' ଛଡ଼ା ସ୍ୱପ୍ନରେ ମଧ୍ୟ ଯାହାସବୁ ଦେଖାଯାଏ, ସେସବୁ ଅନ୍ୟସ୍ଥାନରେ ବିଦ୍ୟମାନ ଅଛି ଏବଂ ସେସବୁର ସଂସ୍କାର ବି ଆତ୍ମାରେ ଅଛି । ଏଣୁ ସ୍ୱପ୍ନ ମଧ୍ୟ ବସ୍ତୁରେ ଅବସ୍ତୁର ଆରୋପଣ ଭଳି ନୁହେଁ ।

**ନ. ବେ. —** କେବେ ଦେଖିନଥିବା, ଶୁଣି ନ ଥିବା ବିଷୟ ମଧ୍ୟ ସ୍ୱପ୍ନରେ ଦେଖାଯାଇଥାଏ । ଯଥା — ନିଜ ମୁଣ୍ଡ କଟିଯାଇଛି, ଅଥଚ ନିଜେ କାନ୍ଦୁଛି; ଜଳର ଧାର ତଳରୁ ଉପରକୁ ବହୁଛି । ଏସବୁ ତ କେବେ ହୋଇନାହିଁ, କେଉଁଠି ଦେଖାଯାଏ ନାହିଁ, କିନ୍ତୁ ସ୍ୱପ୍ନରେ ଦେଖାଯାଉଛି । ତେଣୁ ଏସବୁ କିପରି ସତ୍ୟ ହେବ ?

**ସିଦ୍ଧାନ୍ତୀ —** ଏ ଦୃଷ୍ଟାନ୍ତ ମଧ୍ୟ ତୁମ ପକ୍ଷକୁ ସିଦ୍ଧ କରୁନାହିଁ । କାରଣ ବିନା ଦେଖି-ଶୁଣି ସଂସ୍କାର ଉତ୍ପନ୍ନ ହୁଏ ନାହିଁ । ବିନା ସଂସ୍କାରରେ ସ୍ମୃତି ଓ ବିନା ସ୍ମୃତିରେ ସ୍ୱପ୍ନରେ କି ଆତ୍ମାରେ ସାକ୍ଷାତ୍ ଅନୁଭବ ହୁଏ ନାହିଁ । ଯଦି ଜଣେ କାହାଠୁ ଶୁଣିଲା କିମ୍ବା ଦେଖିଲା ଯେ ଯୁଦ୍ଧରେ ଅମୁକ ଲୋକର ମୁଣ୍ଡ କାଟି ଦିଆଯାଇଛି ଏବଂ ତା'ର ବାପା-ଭାଇ ପ୍ରଭୃତିଙ୍କୁ କାନ୍ଦୁଥିବାର ପ୍ରତ୍ୟକ୍ଷ ଦେଖିଲା, ପୁଣି ଫୁଆରାର ଜଳ ଉପରକୁ ଉଠୁଥିବାର ଦେଖିଲା ବା ଶୁଣିଲା ତେବେ ସେସବୁର ସଂସ୍କାର ତା' ଆତ୍ମାରେ ରହିଯାଏ । ଯେତେବେଳେ ସେ ଏସବୁ ଜାଗ୍ରତାବସ୍ଥାର ପଦାର୍ଥଠାରୁ ଅଲଗା ହୋଇ ସ୍ୱପ୍ନାବସ୍ଥାରେ ରହେ ସେତେବେଳେ ସ୍ୱ ଆତ୍ମାରେ ଥିବା ଏସବୁ ପଦାର୍ଥର ସଂସ୍କାରକୁ, ଯାହାକି ଜାଗ୍ରତାବସ୍ଥାରେ ଦେଖିବା-ଶୁଣିବା ଦ୍ୱାରା ଉତ୍ପନ୍ନ ହୋଇଥିଲା, ସେଗୁଡ଼ିକୁ ଦେଖେ । ଯେତେବେଳେ ଏସବୁ ସଂସ୍କାର ସହ ନିଜେ ଯୋଡ଼ି ହୋଇଥିବା ଦେଖେ, ସେତେବେଳେ ନିଜ ମୁଣ୍ଡ କଟାଯାଇଥିବା ଓ ନିଜେ କାନ୍ଦୁଥିବା ଦେଖେ; ପୂର୍ବଦୃଷ୍ଟ ଜଳର ସଂସ୍କାର ଆଧାରରେ ଧାରା ତଳୁ ଉପରକୁ ଯାଉଥିବା ଦେଖେ । ଏହା ମଧ୍ୟ ବସ୍ତୁରେ ଅବସ୍ତୁର ଆରୋପଣ ସଦୃଶ ନୁହେଁ; ବରଂ ଏହା ତ ଚିତ୍ର ବା ରେଖାଚିତ୍ର ଅଙ୍କନ କଲା ଭଳି । ନକ୍ସା ତିଆରି କରିବା ଲୋକ ଯେପରି ପୂର୍ବରୁ ଦେଖିଥିବା, ଶୁଣିଥିବା କିମ୍ବା ବିଚାର କରିଥିବା ବିଷୟର ସଂସ୍କାରକୁ ଆତ୍ମାରୁ ବାହାର କରି କାଗଜରେ ଆଙ୍କିଦିଏ ଅଥବା ଚିତ୍ରକର କୌଣସି ବସ୍ତୁକୁ ଦେଖି, ତା'ର ଆକୃତିକୁ ମାନସପଟରେ ଧରି, ଚିତ୍ରପଟ ଉପରେ ତା'ର ଚିତ୍ର ଯଥାଯଥ ଭାବରେ ଆଙ୍କି ଦିଏ, ସେହିପରି ଜାଗ୍ରତର ଦୃଷ୍ଟ-ଶ୍ରୁତ-କୃତର ଅନୁଭବ ସ୍ୱପ୍ନରେ ଆସିଥାଏ ।

ହଁ ! ଏତିକି ଯେ କେବେ-କେବେ ସ୍ୱପ୍ନରେ ସ୍ମରଣଯୁକ୍ତ ପ୍ରତୀତି ହୋଇଥାଏ । ଯଥା - ସ୍ୱପ୍ନରେ ନିଜ ଅଧ୍ୟାପକଙ୍କୁ ଦେଖିଥାଏ । ଆଉ କେବେ-କେବେ ବହୁ କାଳ ପୂର୍ବରୁ ଦେଖିଥିବା-ଶୁଣିଥିବା-କରିଥିବା ଅତୀତ ଜ୍ଞାନକୁ ସାକ୍ଷାତ୍କାର କରିଥାଏ । ସେତେବେଳେ ସ୍ମରଣ ଆସେ ନାହିଁ ଯେ ମୁଁ ଅମୁକ ସମୟରେ ଦେଖିଥିବା, ଶୁଣିଥିବା ବା କରିଥିବା ବିଷୟକୁ ଦେଖୁଛି, ଶୁଣୁଛି କିମ୍ବା କରୁଛି । ଜାଗ୍ରତ ଅବସ୍ଥାରେ ଯେପରି ସ୍ମରଣ କରେ, ସ୍ୱପ୍ନାବସ୍ଥାରେ ସେପରି ନିୟମପୂର୍ବକ ସ୍ମରଣ ହୁଏ ନାହିଁ । ଦେଖ ! ଜନ୍ମାନ୍ଧକୁ ରୂପର ସ୍ୱପ୍ନ ଦେଖାଯାଏ ନାହିଁ । ଏଣୁ ତୁମର **'ଅଧ୍ୟାସ'** ଓ **'ଅଧ୍ୟାରୋପ'**ର ଲକ୍ଷଣ ଠିକ୍ ନୁହେଁ । ପୁଣି ବେଦାନ୍ତୀମାନେ ଯେଉଁ **'ବିବର୍ତ୍ତବାଦ'** ଅର୍ଥାତ୍ ରଜ୍ଜୁରେ ସର୍ପ ଆଦି ପ୍ରତୀତ ହେବାର ଦୃଷ୍ଟାନ୍ତ, ବ୍ରହ୍ମରେ ଜଗତର ପ୍ରତୀତି ହେଉଥିବା ସପକ୍ଷରେ ଦିଅନ୍ତି, ସେସବୁ ମଧ୍ୟ ଠିକ୍ ନୁହେଁ ।

**ନ. ବେ. — 'ଅଧିଷ୍ଠାନ'** ବିନା **'ଅଧ୍ୟସ୍ତ'**ର ପ୍ରତୀତି ହୁଏ ନାହିଁ । ଯଥା - ରଜ୍ଜୁ ନ ଥିଲେ ସର୍ପ ଥିବାର ଜ୍ଞାନ ଜାତ ହୁଏ ନାହିଁ । ରଜ୍ଜୁରେ ସର୍ପ ତିନିକାଳରେ ନ ଥାଏ ଅର୍ଥାତ୍ ଦଉଡ଼ିଟି ଅତୀତରେ ବି ସାପ ନ ଥିଲା, ବର୍ତ୍ତମାନ ବି ନୁହେଁ କି ଭବିଷ୍ୟତରେ ବି ହେବ ନାହିଁ । କିନ୍ତୁ ଅନ୍ଧକାର ଓ ସାମାନ୍ୟ ଆଲୋକର ସମ୍ମିଶ୍ରଣରେ ହଠାତ୍ ଦଉଡ଼ିଟିକୁ ଦେଖିଲେ ସାପର ଭ୍ରମ ଜାତ ହୋଇ ବ୍ୟକ୍ତି ଭୟଭୀତ ହୋଇଯାଏ । ପରନ୍ତୁ ଯେତେବେଳେ ତାକୁ ଦୀପ ଆଦିର ଆଲୋକରେ ଦେଖିନିଏ, ସେତେବେଳେ ଭ୍ରମ ଓ ଭୟ ଦୂର ହୋଇଯାଏ । ସେହିପରି ବ୍ରହ୍ମରେ ଜଗତର ମିଥ୍ୟାଜ୍ଞାନ ହୋଇଥାଏ । ବ୍ରହ୍ମଙ୍କ ସାକ୍ଷାତ୍କାର ହେଲେ ଜଗତରୂପୀ ମିଥ୍ୟାଜ୍ଞାନର ନିବୃତ୍ତି ହୋଇ ବ୍ରହ୍ମଙ୍କ ପ୍ରତୀତି ହୋଇଯାଏ, ଯେମିତିକି ଆଲୋକରେ ସର୍ପ ଜ୍ଞାନର ନିବୃତ୍ତି ଓ ରଜ୍ଜୁର ପ୍ରତୀତି ହୋଇଯାଏ ।

**ସିଦ୍ଧାନ୍ତୀ —** ବ୍ରହ୍ମରେ ଜଗତର ପ୍ରତୀତି କାହାକୁ ହେଉଛି ?

**ନ. ବେ. —** ଜୀବକୁ ।

**ସିଦ୍ଧାନ୍ତୀ —** ଜୀବ କୋଉଠୁ ଆସିଲା ?

**ନ. ବେ. —** ଅଜ୍ଞାନରୁ ।

**ସିଦ୍ଧାନ୍ତୀ —** ଅଜ୍ଞାନ କେଉଁଠୁ ଆସିଲା ଓ ତାହା କେଉଁଠି ରହେ ?

**ନ. ବେ. —** ଅଜ୍ଞାନ ଅନାଦି ଅଟେ ଓ ତାହା ବ୍ରହ୍ମରେ ରହେ ।

**ସିଦ୍ଧାନ୍ତୀ —** ବ୍ରହ୍ମରେ ବ୍ରହ୍ମର ଅଜ୍ଞାନ ରହେ ନା ଅନ୍ୟ କାହାର ? ଆଉ ସେ ଅଜ୍ଞାନ କାହାକୁ ହେଲା ?

**ନ. ବେ —** **ଚିଦାଭାସ**କୁ ।

**ସିଦ୍ଧାନ୍ତୀ —** **ଚିଦାଭାସ**ର ସ୍ୱରୂପ କ'ଣ ?

**ନ. ବେ. —** ବ୍ରହ୍ମ । ବ୍ରହ୍ମକୁ ବ୍ରହ୍ମର ଅଜ୍ଞାନ ଅର୍ଥାତ୍ ନିଜର ସ୍ୱରୂପକୁ ନିଜେ ହିଁ ଭୁଲିଯାଏ ।

**ସିଦ୍ଧାନ୍ତୀ —** ବ୍ରହ୍ମ ଏପରି ଭୁଲିଯିବାର କାରଣ କ'ଣ ?

**ନ. ବେ. —** ଅବିଦ୍ୟା ।

**ସିଦ୍ଧାନ୍ତୀ —** ଅବିଦ୍ୟା ସର୍ବବ୍ୟାପକ ସର୍ବଜ୍ଞର ଗୁଣ ନା ଅଳ୍ପଜ୍ଞର ଗୁଣ ?

**ନ. ବେ. —** ଅଳ୍ପଜ୍ଞର ।

**ସିଦ୍ଧାନ୍ତୀ —** ତା'ହେଲେ ତୁମ ମତରେ ଏକ ଅନନ୍ତ, ସର୍ବଜ୍ଞ 'ଚେତନ' ବ୍ୟତୀତ ଅନ୍ୟ କୌଣସି ଚେତନ ସତ୍ତାର ଅସ୍ତିତ୍ୱ ଅଛି ନା ନାହିଁ? ପୁଣି ଅଳ୍ପଜ୍ଞ ସତ୍ତା କେଉଁଠୁ ଆସିଲା ? ହଁ, ଅବଶ୍ୟ ଅଳ୍ପଜ୍ଞ 'ଚେତନ'କୁ ଯଦି ବ୍ରହ୍ମଙ୍କଠାରୁ ଭିନ୍ନ ସତ୍ତା ବୋଲି ମାନୁଅଛ, ତେବେ ତ ଠିକ୍ । ଆଉ ଯଦି ବ୍ରହ୍ମଙ୍କଠାରେ ନିଜ ସ୍ୱରୂପର ଅଜ୍ଞାନ ଅଛି ବୋଲି ମନେ କରିଥାଅ ତେବେ ବ୍ରହ୍ମଙ୍କର ଏକ ଦେଶରେ ଅଜ୍ଞାନ ରହିଲେ ତାହା ତ ସର୍ବତ୍ର ବ୍ୟାପିଯିବ । ଯେପରିକି ଶରୀରରେ କୌଣସି ଏକ ସ୍ଥାନରେ ବଥ ବାହାରିଲେ ତା'ର ପୀଡ଼ା ସମଗ୍ର ଶରୀରକୁ ବ୍ୟାପିଯାଏ ଓ ପୂରା ଶରୀରକୁ ଅକର୍ମା କରିଦିଏ, ସେହିପରି ବ୍ରହ୍ମ ମଧ୍ୟ ଏକ ଦେଶରେ ଅଜ୍ଞାନୀ ଓ କ୍ଳେଶଯୁକ୍ତ ହେଲେ ସମଗ୍ର ବ୍ରହ୍ମ ଅଜ୍ଞାନୀ ଓ ପୀଡ଼ାର ଅନୁଭବଯୁକ୍ତ ହୋଇଯିବେ ।

**ନ. ବେ. —** ଏସବୁ '**ଉପାଧି**'ର ଧର୍ମ, ବ୍ରହ୍ମର ନୁହେଁ ।

**ସିଦ୍ଧାନ୍ତୀ —** '**ଉପାଧି**' ଜଡ଼ ନା ଚେତନ ? ସତ୍ୟ ନା ଅସତ୍ୟ ?

**ନ. ବେ. —** ଅନିର୍ବଚନୀୟ । ଅର୍ଥାତ୍ ଏହାକୁ ଜଡ଼ କି ଚେତନ, ସତ୍ୟ କି ଅସତ୍ୟ ବୋଲି କୁହାଯାଇପାରିବ ନାହିଁ ।

**ସିଦ୍ଧାନ୍ତୀ —** ତୁମର ଏ କଥା '**ବଦତୋ ବ୍ୟାଘାତଃ**' ଭଳି । କାରଣ ଏଣେ କହୁଛ ଅବିଦ୍ୟା ଅଛି, ତେଣେ କହୁଛ ତାହାକୁ ଜଡ଼-ଚେତନ, ସତ୍-ଅସତ୍ କିଛି କହିହେବ ନାହିଁ । ଏହା ହେଲା ଏମିତି କଥା ଯେମିତି କି ସୁନାରେ ପିତଳ ମିଶିଛି, ତାକୁ ସୁନାରୀ ପାଖକୁ ନେଇ ଦେଖାଇ ଯଦି ପଚରାଯାଏ ଯେ ଏହା ସୁନା ନା ପିତଳ ? ତେବେ ସେ ଏହା ହିଁ କହିବ ଯେ ଏହା ସୁନା ନୁହେଁ କି ପିତଳ ନୁହେଁ, ବରଂ ଏଥିରେ ସୁନା ଓ ପିତଳ ଉଭୟ ମିଶି ରହିଛି ।

**ନ. ବେ. —** ଦେଖ ! ଉପାଧି ଅର୍ଥାତ୍ ଘଟ, ଘର ଓ ମେଘ ସହ ସଂଯୁକ୍ତ ହେବା କାରଣରୁ ଯେପରି ଘଟାକାଶ, ମଠାକାଶ, ମେଘାକାଶ ଓ ମହାକାଶ ଭିନ୍ନ-ଭିନ୍ନ ରୂପ ପ୍ରତୀତ ହୋଇଥାଏ, କିନ୍ତୁ ବାସ୍ତବରେ ମହାକାଶ ହିଁ ଅଛି; ସେହିପରି ମାୟା, ଅବିଦ୍ୟା, ସମଷ୍ଟି, ବ୍ୟଷ୍ଟି ଓ ଅନ୍ତଃକରଣ ଏସବୁ ଉପାଧି ସହ ଯୁକ୍ତ ହେବାରୁ ବ୍ରହ୍ମ ଅଜ୍ଞାନୀମାନଙ୍କୁ ପୃଥକ୍-ପୃଥକ୍ ପ୍ରତୀତ ହେଉଛନ୍ତି; ବାସ୍ତବରେ ଏକ ବ୍ରହ୍ମ ହିଁ ଅଛନ୍ତି । ଦେଖ, ଏ ପ୍ରମାଣରେ କ'ଣ କୁହାଯାଇଛି —

**ଅଗ୍ନିର୍ଯଥୈକୋ ଭୁବନଂ ପ୍ରବିଷ୍ଟୋ ରୂପଂ ରୂପଂ ପ୍ରତିରୂପୋ ବଭୂବ ।**
**ଏକସ୍ତଥା ସର୍ବଭୂତାନ୍ତରାତ୍ମା ରୂପଂ ରୂପଂ ପ୍ରତିରୂପୋ ବହିଶ୍ଚ ॥** (କଠ. ୫:୯)

ଲମ୍ବା, ଚଉଡ଼ା, ଗୋଲ, ଛୋଟ, ବଡ଼ ସମସ୍ତ ଆକୃତି ବିଶିଷ୍ଟ ପଦାର୍ଥରେ ଅଗ୍ନି ବ୍ୟାପକ ହୋଇଯାଇ ଯେପରି ତଦାକାର ଦେଖାଯାଏ, କିନ୍ତୁ ସେସବୁରୁ ଅଲଗା ଅଟେ; ସେହିପରି ସର୍ବବ୍ୟାପକ ପରମାତ୍ମା ଅନ୍ତଃକରଣଗୁଡ଼ିକରେ ବ୍ୟାପକ ହୋଇ ଅନ୍ତଃକରଣାକାର ହୋଇଥିଲେ ସୁଦ୍ଧା ସେସବୁରୁ ଅଲଗା ଅଟନ୍ତି ।

**ସିଦ୍ଧାନ୍ତୀ —** ତୁମର ଏ କଥନ ମଧ୍ୟ ଭୁଲ୍ । କାରଣ ଘଟ, ମଠ, ମେଘ ଓ ଆକାଶକୁ ଯେପରି ଅଲଗା-ଅଲଗା ବୋଲି ମାନୁଅଛ, ସେହିପରି କାରଣ-କାର୍ଯ୍ୟରୂପ ଜଗତ୍ ଓ ଜୀବକୁ ବ୍ରହ୍ମଙ୍କଠାରୁ ଅଲଗା ଏବଂ ବ୍ରହ୍ମଙ୍କୁ ଜଗତ୍ ଓ ଜୀବଠାରୁ ଅଲଗା ସତ୍ତା ରୂପେ ମାନିନିଅ ।

**ନ. ବେ. —** ଅଗ୍ନି ଯେପରି ସକଳ ପଦାର୍ଥରେ ପ୍ରବିଷ୍ଟ ହୋଇ ତଦାକାର ଦେଖାଯାଏ, ସେହିପରି ପରମାତ୍ମା ଜଡ଼ ଓ ଜୀବରେ ବ୍ୟାପକ ହୋଇ ଅଜ୍ଞାନୀମାନଙ୍କୁ ଜଡ଼ ଓ ଜୀବ ଆକାରର ଦେଖାଯାଏ । ବାସ୍ତବରେ ବ୍ରହ୍ମ ଜଡ଼ ନୁହନ୍ତି କି ଜୀବ ନୁହନ୍ତି । ହଜାରେ ଜଳକୁଣ୍ଡ ଥିଲେ, ଯେପରି ସେଥିରେ ସୂର୍ଯ୍ୟର ହଜାରେ ପ୍ରତିବିମ୍ବ ଦେଖାଯାଏ; କିନ୍ତୁ ବସ୍ତୁତଃ ସୂର୍ଯ୍ୟ ଏକ । କୁଣ୍ଡ ଖଣ୍ଡ-ବିଖଣ୍ଡ ହୋଇଗଲେ, ଜଳ ହଲିଲେ ବା ଜଳ ବ୍ୟାପକ ହୋଇଗଲେ ସୂର୍ଯ୍ୟ ଖଣ୍ଡ-ବିଖଣ୍ଡ ହୋଇଯାଏ ନାହିଁ, ସୂର୍ଯ୍ୟ ହଲଚଲ ହୁଏ ନାହିଁ କି ସୂର୍ଯ୍ୟ ପ୍ରସାରିତ ହୋଇଯାଏ ନାହିଁ; ସେହିପରି ଅନ୍ତଃକରଣରେ ବ୍ରହ୍ମଙ୍କ ଆଭାସ ପଡ଼େ ଯାହାକୁ କି **'ଚିଦାଭାସ'** କହନ୍ତି । ଅନ୍ତଃକରଣ ଥିବା ଯାଏ, ଜୀବର ଅସ୍ତିତ୍ୱ ଥାଏ । ଯେତେବେଳେ ଜ୍ଞାନ ଦ୍ୱାରା ଅନ୍ତଃକରଣ ନଷ୍ଟ ହୋଇଯାଏ, ସେତେବେଳେ ଜୀବ ବ୍ରହ୍ମସ୍ୱରୂପ ହୋଇଯାଏ । ଏହି **'ଚିଦାଭାସ'**କୁ ନିଜ ବ୍ରହ୍ମସ୍ୱରୂପର ଅଜ୍ଞାନ ଯେ ପର୍ଯ୍ୟନ୍ତ ରହେ ଓ ଯେ ପର୍ଯ୍ୟନ୍ତ ସେ କର୍ତ୍ତା-ଭୋକ୍ତା, ସୁଖୀ-ଦୁଃଖୀ, ପାପୀ-ପୁଣ୍ୟାତ୍ମା, ଜନ୍ମ-ମରଣ ସ୍ଥିତିକୁ ନିଜଠାରେ ଆରୋପିତ କରିଥାଏ, ସେ ପର୍ଯ୍ୟନ୍ତ ସଂସାରର ବନ୍ଧନରୁ ମୁକ୍ତ ହୋଇପାରେ ନାହିଁ ।

**ସିଦ୍ଧାନ୍ତୀ —** ତୁମର ଏ ଦୃଷ୍ଟାନ୍ତ ଭୁଲ୍ । କାରଣ ସୂର୍ଯ୍ୟ ଆକାରବାନ୍, ଜଳକୁଣ୍ଡ ମଧ୍ୟ ଆକାରବାନ୍ । ସୂର୍ଯ୍ୟ ଜଳକୁଣ୍ଡଠାରୁ ଅଲଗା ଓ ସୂର୍ଯ୍ୟଠାରୁ ଜଳକୁଣ୍ଡ ଅଲଗା ସତ୍ତା । ତେଣୁ ଜଳକୁଣ୍ଡରେ ସୂର୍ଯ୍ୟର ପ୍ରତିବିମ୍ବ ପଡ଼ିଥାଏ । ଯଦି ସୂର୍ଯ୍ୟ ନିରାକାର ହୋଇଥାନ୍ତା କିମ୍ବା ଜଳକୁଣ୍ଡ ନିରାକାର ହୋଇଥାନ୍ତା, ତେବେ ପ୍ରତିବିମ୍ବ ସୃଷ୍ଟି ହୋଇପାରନ୍ତା ନାହିଁ । ପରମେଶ୍ୱର ନିରାକାର, ଆକାଶ ଭଳି ସର୍ବତ୍ର ବ୍ୟାପକ ହୋଇଥିବାରୁ ବ୍ରହ୍ମ କୌଣସି ପଦାର୍ଥଠାରୁ ଓ କୌଣସି ପଦାର୍ଥ ବ୍ରହ୍ମଠାରୁ ଅଲଗା ହୋଇ ରହିପାରନ୍ତି ନାହିଁ, ଏବଂ ଅନ୍ୟ ପଦାର୍ଥ ଓ ବ୍ରହ୍ମ ମଧ୍ୟରେ ବ୍ୟାପ୍ୟ-ବ୍ୟାପକ ସମ୍ବନ୍ଧ ଥିବାରୁ ଉଭୟେ ଏକ ମଧ୍ୟ ହୋଇ ନ ପାରନ୍ତି । ଅର୍ଥାତ୍ **ଅନ୍ୱୟ-ବ୍ୟତିରେକଭାବ**ରେ ଦେଖିଲେ ଅନ୍ୟ ପଦାର୍ଥ ଓ ବ୍ରହ୍ମ ବ୍ୟାପ୍ୟ-ବ୍ୟାପକ ରୂପେ ମିଶି ରହିଛନ୍ତି ଏବଂ ସ୍ୱ-ସ୍ୱ ସତ୍ତା ରୂପେ ସର୍ବଦା ଅଲଗା ହୋଇ ରହନ୍ତି । ଯଦି ଉଭୟେ ଏକ ହୋଇଥାନ୍ତେ ତେବେ ପରମେଶ୍ୱର ଓ ସଂସାର ମଧ୍ୟରେ ବ୍ୟାପ୍ୟ-ବ୍ୟାପକ ସମ୍ବନ୍ଧ କଦାପି ରହିପାରନ୍ତା ନାହିଁ । ଏହା ବୃହଦାରଣ୍ୟକ ଉପନିଷଦର ଅନ୍ତର୍ଯ୍ୟାମୀ ବ୍ରାହ୍ମଣ (ବୃହଦା. ୩:୭:୩-୨୩)ରେ ସ୍ପଷ୍ଟ ରୂପେ ଲେଖାଯାଇଛି । ତା'ଛଡ଼ା ବ୍ରହ୍ମଙ୍କର ଆଭାସ ପଡ଼ିପାରେ ନାହିଁ; କାରଣ ଆକାର ବିନା ଆଭାସ ପଡ଼ିବା ସମ୍ଭବପର ନୁହେଁ ।

**ଅନ୍ତଃକରଣ-ଉପାଧି**ରେ ସଂଯୁକ୍ତ ହୋଇଥିବା ଯୋଗୁଁ ବ୍ରହ୍ମଙ୍କୁ ଯଦି ଜୀବ ବୋଲି ମାନୁଛ, ତୁମର ସେ କଥା ପିଲାଳିଆମି । କାରଣ ଅନ୍ତଃକରଣ ଚଳାୟମାନ ଓ ଖଣ୍ଡ-ଖଣ୍ଡ; କିନ୍ତୁ ବ୍ରହ୍ମ ଅଚଳ ଓ ଅଖଣ୍ଡ ଅଟନ୍ତି । ଯଦି ତୁମେ ବ୍ରହ୍ମ ଓ ଜୀବକୁ ଅଲଗା-ଅଲଗା ସତ୍ତା ବୋଲି ନ ମାନୁଛ, ତେବେ ଏ କଥାର ଉତ୍ତର ଦିଅ କି - ଅନ୍ତଃକରଣ ଯେଉଁ-ଯେଉଁ

ସ୍ଥାନକୁ ଗତି କରିବାକୁ ଲାଗିବ, ସେଠାକାର ବ୍ରହ୍ମଙ୍କୁ ଅଜ୍ଞାନୀ ଏବଂ ଯେଉଁ-ଯେଉଁ ସ୍ଥାନକୁ ଛାଡ଼ିଚାଲିବ, ସେ-ସେ ସ୍ଥାନର ବ୍ରହ୍ମଙ୍କୁ ଜ୍ଞାନୀ କରିଦେବ ନା ନାହିଁ ? ଯେପରି ଛତା ପ୍ରକାଶ ମଧ୍ୟରେ ଯେଉଁ-ଯେଉଁ ସ୍ଥାନକୁ ଯାଏ ସେହି-ସେହି ସ୍ଥାନର ପ୍ରକାଶକୁ ଆବରଣଯୁକ୍ତ କରିଦିଏ, ଏବଂ ଯେଉଁ-ଯେଉଁ ସ୍ଥାନରୁ ହଟିଯାଏ ସେଠାକାର ପ୍ରକାଶକୁ ଆବରଣ ରହିତ କରିଦିଏ; ସେହିପରି ଅନ୍ତଃକରଣ ବ୍ରହ୍ମଙ୍କୁ କ୍ଷଣ-କ୍ଷଣକେ ଜ୍ଞାନୀ-ଅଜ୍ଞାନ, ବଦ୍ଧ ଓ ମୁକ୍ତ କରିଚାଲିବ । ଅଖଣ୍ଡ ବ୍ରହ୍ମଙ୍କ ଏକଦେଶରେ ଅନ୍ତଃକରଣର ଆବରଣର ପ୍ରଭାବ ସର୍ବଦେଶରେ ହେବା କାରଣରୁ ସମଗ୍ର ବ୍ରହ୍ମ ଅଜ୍ଞାନୀ ହୋଇଯିବ, କାରଣ ସେ ଚେତନ ।

ତା' ଛଡ଼ା ମଥୁରାରେ ଯେଉଁ ଅନ୍ତଃକରଣସ୍ଥ ବ୍ରହ୍ମ ଯେଉଁ ବସ୍ତୁ ଦେଖିଥିବ, କାଶୀରେ ସେହି ଅନ୍ତଃକରଣସ୍ଥ ବ୍ରହ୍ମ ସେହି ବସ୍ତୁକୁ ସ୍ମରଣ କରିପାରିବ ନାହିଁ । କାରଣ —

**ଅନ୍ୟଦୃଷ୍ଟମନ୍ୟୋ ନ ସ୍ମରତୀତି ନ୍ୟାୟାତ୍ ।** (ଯୋଗ. ୩:୧୪, ବ୍ୟାସଭାଷ୍ୟ)

ଜଣେ ଦେଖିଥିବା ବିଷୟ ଅନ୍ୟ ଜଣେ ସ୍ମରଣ କରିପାରେ ନାହିଁ । ଯେଉଁ **'ଚିଦାଭାସ'** ମଥୁରାରେ ଦେଖିଲା କାଶୀରେ ସେହି **'ଚିଦାଭାସ'** ବିଦ୍ୟମାନ ନାହିଁ; ଯେହେତୁ କି ଯିଏ ମଥୁରାର ଅନ୍ତଃକରଣର ପ୍ରକାଶକ, କାଶୀସ୍ଥ ଅନ୍ତଃକରଣର ପ୍ରକାଶକ ସେହି ବ୍ରହ୍ମ ନୁହେଁ । ଯେହେତୁ କି ଅନ୍ତଃକରଣ ସେହି ଏକା ଥିଲେ ମଧ୍ୟ ଅନ୍ତଃକରଣ ଗତିଶୀଳ ହୋଇଥିବାରୁ ତା'ର ଆବରଣରେ ରହୁଥିବା ବ୍ରହ୍ମ(ବ୍ରହ୍ମର ସତ୍ତା) ଅଲଗା ହୋଇଯାଇଛି ।

ଯଦି ବ୍ରହ୍ମ ହିଁ ଜୀବ ଅଟନ୍ତି, ଜୀବ ଅଲଗା ସତ୍ତା ନୁହେଁ; ତେବେ ସବୁ ଜୀବ ସର୍ବଜ୍ଞ ହେବା ଆବଶ୍ୟକ । ଯଦି ବ୍ରହ୍ମଙ୍କ ପ୍ରତିବିମ୍ବ ଅନ୍ତଃକରଣ ଠାରୁ ଅଲଗା ଅଟେ, ତେବେ **'ପ୍ରତ୍ୟଭିଜ୍ଞା'** ଅର୍ଥାତ୍ ପୂର୍ବରୁ ଦେଖିଥିବା, ଶୁଣିଥିବା ବିଷୟର ଜ୍ଞାନ କାହାର ରହିବ ନାହିଁ । ଯଦି କୁହ ଯେ ବ୍ରହ୍ମ ଏକ, ଏଣୁ ପୂର୍ବ ଦୃଷ୍ଟ-ଶ୍ରୁତ ବିଷୟ ସ୍ମରଣ ହୋଇଯାଏ, ତେବେ ବ୍ରହ୍ମର ଗୋଟିଏ ସ୍ଥାନରେ ଅଜ୍ଞାନ କି ଦୁଃଖ ଜାତ ହେଲେ ସମଗ୍ର ବ୍ରହ୍ମଙ୍କୁ ଅଜ୍ଞାନ ବା ଦୁଃଖ ହୋଇଯିବା ଉଚିତ । **ଆଉ ଏଭଳି ଦୃଷ୍ଟାନ୍ତ ଦ୍ୱାରା ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱଭାବ ବ୍ରହ୍ମଙ୍କୁ ତୁମେ ଅଶୁଦ୍ଧ, ଅଜ୍ଞାନୀ ଓ ବଦ୍ଧ କରିଦେଇଛ ଏବଂ ଅଖଣ୍ଡ ବ୍ରହ୍ମଙ୍କୁ ଖଣ୍ଡ-ଖଣ୍ଡ କରିଦେଇଛ ।**

**ନ. ବେ. —** ନିରାକାର ପଦାର୍ଥର ମଧ୍ୟ ପ୍ରତିବିମ୍ବ ସୃଷ୍ଟି ହୁଏ । ଯେପରି ଦର୍ପଣ ବା ଜଳାଦିରେ ଆକାଶର ପ୍ରତିବିମ୍ବ ପଡ଼େ । ତାହା ନୀଳ ରଙ୍ଗର ଅଥବା ଅନ୍ୟ କୌଣସି ଘନାକାର ଦେଖାଯାଇଥାଏ । ସେହିପରି ବ୍ରହ୍ମଙ୍କର ପ୍ରତିବିମ୍ବ ମଧ୍ୟ ସମସ୍ତ ଅନ୍ତଃକରଣରେ ପଡ଼େ ।

**ସିଦ୍ଧାନ୍ତୀ —** ଯେହେତୁ ଆକାଶର ରୂପ ହିଁ ନାହିଁ, ତେଣୁ ତାକୁ କେହି ମଧ୍ୟ ଆଖିରେ ଦେଖିପାରିବେ ନାହିଁ । ଯେଉଁ ପଦାର୍ଥ ଦେଖା ହିଁ ଯାଏ ନାହିଁ, ତାହା ପୁଣି ଦର୍ପଣ ବା ଜଳାଦିରେ କିପରି ଦେଖାଯିବ ? ଘନାକାର କି ଛିନ୍ନ-ଭିନ୍ନ ରୂପେ ସାକାର ବସ୍ତୁ ଦେଖାଯାଏ, ନିରାକାର ନୁହେଁ ।

**ନ. ବେ. —** ତେବେ ଉପରେ ଏ ଯେଉଁ ନୀଳରଙ୍ଗର ଦେଖାଯାଉଛି, ଦର୍ପଣ ବା ଜଳାଦିରେ ତା'ର ପ୍ରତିବିମ୍ବ ଦେଖାଯାଉଛି, ତାହା କ'ଣ ?

**ସିଦ୍ଧାନ୍ତୀ —** ତାହା ହେଲା ପୃଥିବୀ ପୃଷ୍ଠରୁ ଉପରକୁ ଉଡ଼ିଯାଇଥିବା ଜଳ, ପୃଥ୍ୱୀ ଓ ଅଗ୍ନିର ତ୍ରସରେଣୁ । ଉପରୁ ବର୍ଷା ଯେଉଁଠାରୁ ହୁଏ, ସେଠାରେ ଜଳକଣା ବିଦ୍ୟମାନ ନ ଥିଲେ ବର୍ଷା କେମିତି ହେଉଥାନ୍ତା ? ଅତଃ ଉପର ଭାଗରେ ବହୁ ଦୂର ପର୍ଯ୍ୟନ୍ତ ତମ୍ବୁ ଭଳି ଯାହା ଦେଖାଯାଉଛି, ତାହା ଜଳଚକ୍ର । କୁହୁଡ଼ି ଯେପରି ଦୂରରୁ ଘନାକାର ଦେଖାଯାଏ; କିନ୍ତୁ ନିକଟରୁ ଛିନ୍ନ-ଭିନ୍ନ ଓ ଡେରା ଭଳି ଦେଖାଯାଏ, ଆକାଶରେ ଜଳୀୟବାଷ୍ପ ସେହିପରି ଦେଖାଯାଏ ।

**ନ. ବେ. —** ତା' ହେଲେ କ'ଣ ଆମର ରଜ୍ଜୁ-ସର୍ପ ଓ ସ୍ୱପ୍ନାଦି ଦୃଷ୍ଟାନ୍ତ ମିଥ୍ୟା ?

**ସିଦ୍ଧାନ୍ତୀ —** ନା । କେବଳ ତୁମର ବୁଝିବା ଭୁଲ୍, ତାହା ଆମେ ପୂର୍ବରୁ ଲେଖିସାରିଛୁ । ଆଚ୍ଛା, ଏକଥା ତ କୁହ ଯେ ପ୍ରଥମେ ଅଜ୍ଞାନ କାହାକୁ ହୁଏ ?

**ନ. ବେ. —** ବ୍ରହ୍ମଙ୍କୁ ।

**ସିଦ୍ଧାନ୍ତୀ —** ବ୍ରହ୍ମ ଅଳ୍ପଜ୍ଞ ନା ସର୍ବଜ୍ଞ ?

**ନ. ବେ. —** ବ୍ରହ୍ମ ସର୍ବଜ୍ଞ ନୁହନ୍ତି କି ଅଳ୍ପଜ୍ଞ ନୁହନ୍ତି । କାରଣ ସର୍ବଜ୍ଞତା ଓ ଅଳ୍ପଜ୍ଞତା ଉପାଧିଯୁକ୍ତ ବସ୍ତୁରେ ଥାଏ । ଅର୍ଥାତ୍ ଉପାଧିଯୁକ୍ତ ହେବା ପରେ ତାଙ୍କୁ ସର୍ବଜ୍ଞ କି ଅଳ୍ପଜ୍ଞ କୁହାଯାଏ ।

**ସିଦ୍ଧାନ୍ତୀ — 'ଉପାଧି'**ରେ ଯୁକ୍ତ କିଏ ?

**ନ. ବେ. —** ବ୍ରହ୍ମ ।

**ସିଦ୍ଧାନ୍ତୀ —** ତେବେ ତ ବ୍ରହ୍ମ ହିଁ ସର୍ବଜ୍ଞ ଓ ଅଳ୍ପଜ୍ଞ ହେଲେ । ତେବେ ତୁମେ ବ୍ରହ୍ମ ସର୍ବଜ୍ଞ ନୁହନ୍ତି କି ଅଳ୍ପଜ୍ଞ ନୁହନ୍ତି ବୋଲି ନିଷେଧ କାହିଁକି କରୁଥିଲ ? ଯଦି କୁହ ଯେ **'ଉପାଧି'** କଳ୍ପିତ ଅର୍ଥାତ୍ ମିଥ୍ୟା ଅଟେ, ତେବେ 'କଳ୍ପକ' ଅର୍ଥାତ୍ ଏହାର କଳ୍ପନାକାରୀ କିଏ ?

**ନ. ବେ. —** ଜୀବ ବ୍ରହ୍ମ ଅଟେ ନା ତା'ଠୁ ଅଲଗା ସତ୍ତା ?

**ସିଦ୍ଧାନ୍ତୀ —** ଅଲଗା ପଦାର୍ଥ । କାରଣ ଯଦି କୁହାଯାଏ ଯେ ଜୀବ ବ୍ରହ୍ମସ୍ୱରୂପ, ତେବେ ତର୍କ ଉଠିବ କି ଯିଏ ମିଥ୍ୟା କଳ୍ପନା କଲା, ସେ କଦାପି ବ୍ରହ୍ମ ହୋଇପାରିବ ନାହିଁ । ଯାହାର କଳ୍ପନା ମିଥ୍ୟା, ସେ କେମିତି ସତ୍ୟସ୍ୱରୂପ ହୋଇଥିବ ?

**ନ. ବେ. —** ଆମେ ସତ୍ୟ ଓ ଅସତ୍ୟ ଉଭୟକୁ ମିଥ୍ୟା ବୋଲି ମାନୁ । ତା'ଛଡ଼ା ବାଣୀରେ ଯାହା କୁହାଯାଏ ତାହା ମଧ୍ୟ ମିଥ୍ୟା ।

**ସିଦ୍ଧାନ୍ତୀ —** ଯେହେତୁ ତୁମେ ମିଥ୍ୟା କହିବା ଓ ମାନିବା ଲୋକ, ତେଣୁ ତୁମେ ମିଥ୍ୟାବାଦୀ ନୁହଁ କି ?

**ନ. ବେ. —** ଦେଖନ୍ତୁ ! ମିଥ୍ୟା ଓ ସତ୍ୟ ଉଭୟ ଆମଠାରେ କଳ୍ପିତ ଏବଂ ଆମେ ଉଭୟର ସାକ୍ଷୀ-ଅଧିଷ୍ଠାନ ।

**ସିଦ୍ଧାନ୍ତୀ —** ଯଦି ତୁମେ ସତ୍ୟ ଓ ମିଥ୍ୟା ଏ ଦୁଇଟିଯାକର ଆଧାର, ତେବେ ତୁମେ ହିଁ ସାଧୁ ଓ ଚୋର ଉଭୟ ହେଲ । ଏଣୁ ତୁମେ ଆଉ ପ୍ରାମାଣିକ ବ୍ୟକ୍ତି ହୋଇ ରହିଲ ନାହିଁ । କାରଣ **ପ୍ରାମାଣିକ ବ୍ୟକ୍ତି ସିଏ ହୋଇଥାଏ ଯିଏ ସର୍ବଦା ସତ୍ୟ ମାନେ, ସତ୍ୟ କହେ, ସତ୍ୟାଚରଣ କରେ; ମିଥ୍ୟାକୁ ସ୍ୱୀକାର କରେନି, ମିଥ୍ୟା କହେନି, ମିଥ୍ୟାଚରଣ କରେ ନାହିଁ ।** ଯେହେତୁ ତୁମେ ନିଜ କଥାକୁ ନିଜେ ହିଁ ମିଥ୍ୟା ବୋଲି କହୁଛ, ତେଣୁ ତୁମେ ସ୍ୱାଭାବିକ ରୂପେ ମିଥ୍ୟାବାଦୀ ଅଟ ।

**ନ. ବେ. —** ଅନାଦି **'ମାୟା'**, ଯାହାକି ବ୍ରହ୍ମର ଆଶ୍ରୟରେ ରହେ ଓ ବ୍ରହ୍ମଙ୍କୁ ଆବୃତ୍ତ କରେ, ତାହାକୁ ତୁମେ ସ୍ୱୀକାର କରୁଛ ନା ନାହିଁ ?

**ସିଦ୍ଧାନ୍ତୀ —** ନା, ସ୍ୱୀକାର କରୁନାହୁଁ । କାରଣ ତୁମେ **'ମାୟା'**ର ଅର୍ଥ ଏପରି କରୁଛ କି ଯେଉଁ ବସ୍ତୁ ନାହିଁ; କିନ୍ତୁ ଦେଖାଯାଉଛି, ତାହା ମାୟା । ଏହି କଥା ସିଏ ହିଁ ମାନିବ ଯାହାର କି ବୁଦ୍ଧିର ଚକ୍ଷୁ ଫୁଟିଯାଇଥିବ । କାରଣ ଯେଉଁ ବସ୍ତୁ ନାହିଁ, ତାହା ଦୃଶ୍ୟମାନ ହେବା ସର୍ବଥା ଅସମ୍ଭବ । ଯେମିତିକି ବନ୍ଧ୍ୟାର ପୁତ୍ରର ପ୍ରତିବିମ୍ବ ହେବା କେବେ ବି ସମ୍ଭବ ନୁହେଁ । ଆଉ ତୁମର ଏ କଥନ **'ସନ୍ମୂଲାଃ ସୋମ୍ୟେମାଃ ସର୍ବାଃ ପ୍ରଜାଃ'** (ଛାନ୍ଦୋଗ୍ୟ. ୬:୮:୪) ଇତ୍ୟାଦି ଛାନ୍ଦୋଗ୍ୟ ଆଦି ଉପନିଷଦ ବଚନର ବି ବିରୁଦ୍ଧ ।

**ନ. ବେ. —** ବଶିଷ୍ଠ, ଶଙ୍କରାଚାର୍ଯ୍ୟ ପ୍ରଭୃତି ଏବଂ ନିଶ୍ଚଳଦାସଙ୍କ ପର୍ଯ୍ୟନ୍ତ ଏତେ ବଡ଼-ବଡ଼ ବିଦ୍ୱାନ୍ ଯାହା

ଲେଖିଯାଇଛନ୍ତି, କ'ଣ ତୁମେ ତାକୁ ଖଣ୍ଡନ କରୁଛ ? ସେମାନେ ଯାହା ଲେଖିଛନ୍ତି, ତାହା ବିଚାରପୂର୍ବକ ଲେଖିଛନ୍ତି । କ'ଣ ତୁମେ ସେମାନଙ୍କଠାରୁ ବଡ଼ ପଣ୍ଡିତ ?

**ସିଦ୍ଧାନ୍ତୀ —** ତୁମକୁ କ'ଣ ଜଣାଯାଉଛି ?

**ନ. ବେ. —** ଆମକୁ ତ ବଶିଷ୍ଠ, ଶଙ୍କରାଚାର୍ଯ୍ୟ ଓ ନିଶ୍ଚଳଦାସ ପ୍ରଭୃତି ଅଧିକ ବିଦ୍ୱାନ୍ ଜଣାଯାଉଛନ୍ତି ।

**ସିଦ୍ଧାନ୍ତୀ —** ତୁମେ ନିଜେ ବିଦ୍ୱାନ୍ ନା ଅବିଦ୍ୱାନ୍ ?

**ନ. ବେ. —** ଆମେ ବି କିଛି-କିଛି ବିଦ୍ୱାନ୍ ଅଟୁ ।

**ସିଦ୍ଧାନ୍ତୀ —** ଆଚ୍ଛା, ତେବେ ଆସ ! ବଶିଷ୍ଠ, ଶଙ୍କରାଚାର୍ଯ୍ୟ ଓ ନିଶ୍ଚଳାଦାସ ପ୍ରଭୃତିଙ୍କ ପକ୍ଷ ଆମ ଆଗରେ ତର୍କପୂର୍ବକ ସ୍ଥାପନ କର, ଆମେ ତା'ର ଖଣ୍ଡନ କରୁଛୁ । ଯାହାର ପକ୍ଷ ସିଦ୍ଧ ହେବ, ସିଏ ବଡ଼ । ଯଦି ସେମାନଙ୍କର ଓ ତୁମର କଥା ଅଖଣ୍ଡନୀୟ ତେବେ ତୁମେ ସେମାନଙ୍କ ଯୁକ୍ତିର ସହାୟତା ନେଇ ଆମ କଥାକୁ କାହିଁକି ଖଣ୍ଡନ କରିପାରୁନାହଁ ? ଆମ୍ଭ କଥା ଖଣ୍ଡନ କରିଦେଲେ ତୁମର ଓ ସେମାନଙ୍କର କଥା ମାନନୀୟ ହୋଇଯିବ । ସମ୍ଭବତଃ ଜୈନ ମତର ଖଣ୍ଡନ କରିବା ପାଇଁ ହିଁ ଶଙ୍କରାଚାର୍ଯ୍ୟ ଆଦି ଏହି ମତ ଉପସ୍ଥାପନ କରିଥିଲେ । କାରଣ ନିଜ ପକ୍ଷକୁ ସିଦ୍ଧ କରିବା ପାଇଁ ଦେଶ-କାଳର ଆବଶ୍ୟକତା ଅନୁସାରେ ଅନେକ ସ୍ୱାର୍ଥୀ ବିଦ୍ୱାନ୍ ସ୍ୱ ଆତ୍ମାରେ ଥିବା ଜ୍ଞାନର ବିରୁଦ୍ଧାଚରଣ ମଧ୍ୟ କରିନିଅନ୍ତି । ଆଉ ଯଦି ଏସବୁ କଥା ଅର୍ଥାତ୍ 'ଜୀବ ଓ ଈଶ୍ୱର ଏକ', 'ଜଗତ ମିଥ୍ୟା' ଆଦିକୁ ଶଙ୍କରାଚାର୍ଯ୍ୟ ପ୍ରଭୃତି ସତ୍ୟ ବୋଲି ମାନୁଥିଲେ, ତେବେ ସେମାନଙ୍କର କଥନ ସତ୍ୟ ନୁହେଁ ।

ବର୍ତ୍ତମାନ ନିଶ୍ଚଳଦାସଙ୍କ ପାଣ୍ଡିତ୍ୟକୁ ଦେଖ । ସେ 'ବୃତ୍ତିପ୍ରଭାକର' ପୁସ୍ତକ(୨:୯)ରେ ଜୀବ-ବ୍ରହ୍ମର ଏକତ୍ୱ ବିଷୟରେ ଏକ ଆନୁମାନିକ ତର୍କ ଦେଇଛନ୍ତି — **'ଜୀବୋ ବ୍ରହ୍ମାଽଭିନ୍ନଶ୍ଚେତନତ୍ୱାତ୍'** — ଚେତନ ହୋଇଥିବାରୁ ଜୀବ ବ୍ରହ୍ମଙ୍କଠାରୁ ଅଭିନ୍ନ । ଏହା ଅତ୍ୟଳ୍ପ ବୁଦ୍ଧିସମ୍ପନ୍ନ ବ୍ୟକ୍ତିର କଥା ଭଳି । କାରଣ **କେବଳ କିଛି 'ସାଧର୍ମ୍ୟ' ଆଧାରରେ ଦୁଇଟି ପଦାର୍ଥ ମଧ୍ୟରେ ଏକତ୍ୱ ସ୍ଥାପିତ ହୋଇଯାଏ ନାହିଁ, 'ବୈଧର୍ମ୍ୟ' ଉଭୟ ମଧ୍ୟରେ ପ୍ରଭେଦକାରକ ହୋଇଥାଏ ।** ଯଥା - ଯଦି କେହି କହେ କି **'ପୃଥିବୀ ଜଲାଽଭିନ୍ନା ଜଡ଼ତ୍ୱାତ୍'** — ପୃଥିବୀ ଓ ଜଳ ଦୁଇଟିଯାକ ପଦାର୍ଥ ଜଡ଼ ହୋଇଥିବାରୁ ପୃଥିବୀ ଓ ଜଳ ଅଭିନ୍ନ, ଏକ । ଏହି କଥନ ଯେପରି ଅଯୌକ୍ତିକ ଓ ଅସଙ୍ଗତ, ନିଶ୍ଚଳଦାସଙ୍କ ଉପସ୍ଥାପିତ ତର୍କ ମଧ୍ୟ ଅଯଥାର୍ଥ । କାରଣ ଜୀବଠାରେ ଥିବା ଅଳ୍ପତା, ଅଳ୍ପଜ୍ଞତା ଓ ଭ୍ରାନ୍ତିମତ୍ତ୍ୱ ଇତ୍ୟାଦି ଧର୍ମ ବ୍ରହ୍ମଙ୍କର ବିରୁଦ୍ଧ ଏବଂ ବ୍ରହ୍ମଙ୍କର ସର୍ବବ୍ୟାପକତା, ସର୍ବଜ୍ଞତା ଓ ନିର୍ଭ୍ରାନ୍ତିତ୍ୱ ଆଦି ବୈଧର୍ମ୍ୟ ଜୀବର ବିରୁଦ୍ଧ । ଏଣୁ ଜୀବ ଓ ବ୍ରହ୍ମ ଭିନ୍ନ-ଭିନ୍ନ ସତ୍ତା । ଯେପରି ଗନ୍ଧବତ୍ତ୍ୱ, କଠିନତ୍ତ୍ୱ ଆଦି ପୃଥିବୀର ଧର୍ମ; ରସବତ୍ତ୍ୱ, ଦ୍ରବତ୍ୱାଦି ଜଳର ଧର୍ମଠାରୁ ଅଲଗା, ବିରୁଦ୍ଧ ହୋଇଥିବାରୁ ପୃଥିବୀ ଓ ଜଳ ଏକ ନୁହେଁ, **ସେହିପରି ଜୀବ ଓ ବ୍ରହ୍ମ ମଧ୍ୟରେ ବୈଧର୍ମ୍ୟ ଥିବା ହେତୁ ଜୀବ ଓ ବ୍ରହ୍ମ କେବେ ବି ଏକ ନ ଥିଲେ, ଏବେ ବି ନୁହନ୍ତି କି କେବେ ମଧ୍ୟ ଏକ ହେବେ ନାହିଁ ।** ଏହି ଗୋଟିଏ ଦୃଷ୍ଟାନ୍ତରୁ ହିଁ ବୁଝିନିଅ ଯେ ନିଶ୍ଚଳଦାସ ଆଦିଙ୍କ ପାଣ୍ଡିତ୍ୟ କେତେ ଥିଲା ।

ଆଉ ଗୋଟିଏ କଥା ହେଲା ଯେ ଯିଏ 'ଯୋଗବାସିଷ୍ଠ' ରଚନା କରିଛନ୍ତି, ସମ୍ଭବତଃ ସିଏ କୌଣସି ଆଧୁନିକ ବେଦାନ୍ତୀ । ଯୋଗବାଶିଷ୍ଠ ବାଲ୍ମୀକି, ବଶିଷ୍ଠଙ୍କ ରଚନା, କଥନ ନୁହେଁ କି ରାମଚନ୍ଦ୍ରଙ୍କ ଦ୍ୱାରା ଶ୍ରୁତ ନୁହେଁ । କାରଣ ଏମାନେ ସମସ୍ତେ ବେଦାନୁଗାମୀ ଥିଲେ । ଏମାନେ କଦାପି ବେଦବିରୁଦ୍ଧ କଥା ନା ଲେଖିପାରିଥିବେ ନା କହିଥିବେ କି ନା ଶୁଣିଥିବେ ।

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

❖❖❖

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୪୬୫ | ୩୧୮ | ୭୮୩ | ୧୭. | ଭଦ୍ରକ | ୨୨ | ୨୯ | ୫୧ |
| ୦୨. | ଖୋର୍ଦ୍ଧା | ୨୯୧ | ୧୦୬ | ୩୯୭ | ୧୮. | ଜଗତସିଂହପୁର | ୨୧ | ୧୨ | ୩୩ |
| ୦୩. | କଟକ | ୨୫୧ | ୧୯୩ | ୪୪୪ | ୧୯. | ବୌଦ୍ଧ | ୧୮ | ୩୩ | ୫୧ |
| ୦୪. | ସୁନ୍ଦରଗଡ଼ | ୨୨୪ | ୩୧୩ | ୫୩୭ | ୨୦. | ନୟାଗଡ଼ | ୧୭ | ୧୬ | ୩୩ |
| ୦୫. | ବରଗଡ଼ | ୧୯୩ | ୨୧୬ | ୪୦୯ | ୨୧. | ଝାରସୁଗୁଡ଼ା | ୧୫ | ୦୨ | ୧୭ |
| ୦୬. | କୋରାପୁଟ | ୮୫ | ୫୦ | ୧୩୫ | ୨୨. | କେନ୍ଦୁଝର | ୧୨ | ୦୨ | ୧୪ |
| ୦୭. | ବଲାଙ୍ଗିର | ୭୭ | ୧୨୨ | ୧୯୯ | ୨୩. | ଢେଙ୍କାନାଳ | ୧୧ | ୨୮ | ୩୯ |
| ୦୮. | ସୁବର୍ଣ୍ଣପୁର | ୬୨ | ୯୪ | ୧୫୬ | ୨୪. | ଯାଜପୁର | ୦୮ | ୧୩ | ୨୧ |
| ୦୯. | ସମ୍ବଲପୁର | ୫୩ | ୬୯ | ୧୨୨ | ୨୫. | କଳାହାଣ୍ଡି | ୧୩ | ୦୪ | ୧୭ |
| ୧୦. | ରାୟଗଡ଼ା | ୫୨ | ୬୬ | ୧୧୮ | ୨୬. | କେନ୍ଦ୍ରାପଡ଼ା | ୦୬ | ୦୮ | ୧୪ |
| ୧୧. | ଅନୁଗୁଳ | ୫୧ | ୭୭ | ୧୨୮ | ୨୭. | ଗଜପତି | ୦୭ | ୦୩ | ୧୦ |
| ୧୨. | ବାଲେଶ୍ୱର | ୪୧ | ୧୩ | ୫୪ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | ମୟୂରଭଞ୍ଜ | ୪୦ | ୧୫ | ୫୫ | ୨୯. | ନୂଆପଡ଼ା | ୦୨ | ୦୫ | ୦୭ |
| ୧୪. | ପୁରୀ | ୩୯ | ୧୨ | ୫୧ | ୩୦. | ନବରଙ୍ଗପୁର | ୦୧ | ୦୨ | ୦୩ |
| ୧୫. | କନ୍ଧମାଳ | ୩୩ | ୧୪୩ | ୧୭୬ | ୩୧. | ଅନ୍ୟାନ୍ୟ | ୫୨ | ୧୯ | ୭୧ |
| ୧୬. | ମାଲକାନଗିରି | ୩୦ | ୬୨ | ୯୨ | | **ମୋଟ** | **୨୨୦୦** | **୨୦୪୨** | **୪୨୪୨** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୦୫ | ୮୪ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୭୨ | ୦୮ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୬୧ | ୦୭ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୫୩ | ୪୦ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୩ | ୩୦ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୫୨ | ୨୧ | ବେଦ ପ୍ରଚାର ସମିତି, କଟକ | | ୧୩ | ୧୩ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୮ | ୩୫ | ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୩ | ୦୫ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୪ | ୬୫ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୩ | ୦୪ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୨ | ୧୦ | ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୩ | ୦୦ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୩୧ | ୩୧ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୫ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୧୦ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୩ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୦ | ୦୩ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୨୯ | ୬୮ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୮ | ୧୦ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୧ | ୪୭ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୬ | ୨୬ | ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୬ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୪ | ୦୦ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୧ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୧ | ୩୯ | ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୭ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୧୫ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୦ | ୨୩ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୯ | ୦୨ | ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୦ | ୨୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୧୧ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୦ | ୧୨ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୮ | ୦୨ | ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୭ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୧୭ | ୩୫ | ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୨ |
| ଶ୍ରୀମାନ୍ ଶ୍ରୀବସ୍ତ ପାଣିଗ୍ରାହୀ | କଟକ | ୧୭ | ୩୪ | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୦ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୭ | ୦୬ | ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୧୧ | ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୧୨ | ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୧୦ | ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୧୮ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୯ | ୨୨ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୫ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୯ | ୧୭ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୪ | ୦୨ | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୯ | ୦୬ |
| ବେଦ ପ୍ରଚାର ସମିତି, ଜୟପୁର | | ୧୪ | ୦୨ | ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୦୮ | ୬୯ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୩୧ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୮ | ୦୮ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୫ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୮ | ୦୪ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୧ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୮ | ୦୦ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୦୮ | ୦୦ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୨ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୧୧ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୭ | ୦୭ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୭ | ୦୭ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୭ | ୦୫ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୦୬ | ୪୩ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୬ | ୧୭ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୧୪ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୧ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୦୬ | ୦୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୬ | ୦୫ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୦୫ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୦୬ | ୦୧ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୬ | ୦୧ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |

| | | | |
|---|---|---|---|
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୦୫ | ୬୩ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୫ | ୧୧ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୫ | ୦୪ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୫ | ୦୩ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୫ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୫ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୧ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୪ | ୪୪ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୪ | ୩୩ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୪ | ୩୦ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୧୮ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୪ | ୧୧ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୧୦ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୫ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୫ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୨ |

| | | | |
|---|---|---|---|
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୨ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | | ୦୪ | ୦୨ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୩ | ୨୬ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୪ | ୧୫ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୩ | ୧୭ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୧୦ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୩ | ୦୯ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୩ | ୦୯ |
| ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୩ | ୦୪ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୪ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୩ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୦୩ | ୦୨ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୩ | ୦୨ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୩ | ୦୨ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୩ | ୦୧ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୦୦ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୨ | ୨୭ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୨୮ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୨୧ |
| ଶ୍ରୀମତୀ ଜ୍ୟୋତ୍ସ୍ନା ମେହେର | ବରଗଡ଼ | ୦୨ | ୦୮ |
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୨ | ୦୩ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୨ | ୦୩ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୨ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୨ | ୦୨ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୨ | ୦୧ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ମଲ୍ଲିକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ ଶାନ୍ତିଲତା ମିଶ୍ର | ଗଞ୍ଜାମ | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |
| ଶ୍ରୀମାନ୍ ଭାଗ୍ୟରଥି ସାହୁ | ଦେବଗଡ଼ | ୦୨ | ୦୦ |
| ଶ୍ରୀମାନ୍ କିଶୋର ଚନ୍ଦ୍ର ଜେନା | ରାୟଗଡ଼ା | ୦୧ | ୨୩ |
| ଶ୍ରୀମାନ୍ ସନାତନ ବେଉରା | କଟକ | ୦୧ | ୧୯ |
| ଶ୍ରୀମାନ୍ ସୁରେଶ୍ୱର ଭୋଇ | ବରଗଡ଼ | ୦୧ | ୧୯ |
| ଶ୍ରୀମାନ୍ ସତ୍ୟନାରାୟଣ ପ୍ରଧାନ | ବଲାଙ୍ଗିର | ୦୧ | ୧୬ |
| ବେଦ ପ୍ରଚାର ସମିତି, ବାଲିମେଳା | | ୦୧ | ୧୪ |
| ଶ୍ରୀମାନ୍ ହୃଷିକେଶ ପ୍ରଧାନ | ବୌଦ୍ଧ | ୦୧ | ୧୪ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୧ | ୦୭ |
| ଶ୍ରୀମାନ୍ ବାଦଲ କୁମାର ମହାରଣା | ଅନୁଗୁଳ | ୦୧ | ୦୭ |
| ଶ୍ରୀମାନ୍ ଗୋପାଳ ଚନ୍ଦ୍ର ମହାପାତ୍ର | ଗଞ୍ଜାମ | ୦୧ | ୦୭ |
| ଶ୍ରୀମାନ୍ ଦିଲ୍ଲୀପ ସାହୁ | ବରଗଡ଼ | ୦୧ | ୦୭ |
| ଶ୍ରୀମତୀ ପାର୍ବତୀ ସ୍ୱାଇଁ | କଟକ | ୦୧ | ୦୬ |
| ଶ୍ରୀମାନ୍ ନାରାୟଣ ଲୁହା | ବଲାଙ୍ଗିର | ୦୧ | ୦୬ |

(ଅବଶିଷ୍ଟାଂଶ ପୃଷ୍ଠା- ୧୩)

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 3 Issue 1 Nov.-Dec. 2017




ଶିବିର ଉଦ୍‌ଘାଟନ କରୁଛନ୍ତି ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ



ବେଦ ପ୍ରଚାର ସମିତି, ଟିଟିଲାଗଡ଼ ପକ୍ଷରୁ ୭ମ ଜୀବନ ନିର୍ମାଣ ଶିବିର




ଶିବିରରେ ସ୍ୱାମୀ ସୁଧାନନ୍ଦଙ୍କ ପ୍ରବଚନ



ଅତିଥିମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଶିବିରରେ ଉପସ୍ଥିତ ଶିବିରାର୍ଥୀ



ଶିବିରାର୍ଥୀମାନେ ହାତ ଉଠାଇ ସଂକଳ୍ପ ଗ୍ରହଣ କରୁଛନ୍ତି

## Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**







ରାଉରକେଲାର ସିଭିକ୍ ସେଣ୍ଟରଠାରେ ଶ୍ରୁତିନ୍ୟାସ ପକ୍ଷରୁ ବୈଦିକ ସଂସ୍କୃତି ଆଲୋଚନା






ସ୍ୱର୍ଗତ ଭବାନୀଶଙ୍କର ପ୍ରଧାନଙ୍କ ପୁଣ୍ୟ ସ୍ମୃତିରେ ରେଢ଼ାଖୋଲରେ ବେଦ ପ୍ରବଚନ





ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନ ବିଭାଗ ପକ୍ଷରୁ 'ବୈଦିକ ସଂସ୍କୃତିରେ ବିଦ୍ୟାର୍ଥୀ ଜୀବନ' ଆଲୋଚନାଚକ୍ର



ଶ୍ରୁତିନ୍ୟାସ ପକ୍ଷରୁ ଗଡ଼ମାଣିତ୍ରୀଠାରେ ବନବିହାର



ବନବିହାରରେ ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କ ମାର୍ଗଦର୍ଶନ






ଭାରତୀୟ ଯୋଗ ସଂସ୍ଥାନର ଭୁବନେଶ୍ୱର ବୁଦ୍ଧ ଜୟନ୍ତୀ ପାର୍କ ଶାଖାର ୧୪ତମ ବାର୍ଷିକୋତ୍ସବରେ ସ୍ୱାମୀଜୀ